୬ ରାପିଡ୍ ଟାଇଟଲ୍ ଜିତିଲେ ଡି. ଗୁକେଶ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୫୮ ● ୬ ଜୁଲାଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-158 ●6th July 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବଡଦାଣ୍ଡ ପାଲଟିଲା ଜନସମୁଦ୍ର

# ସିଂହଦ୍ୱାରରେ ତିନି ରଥ : ଆଜି ସୁନାବେଶ

**ପୁରୀ, ୫।୭ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିରର ସିଂହଦ୍ୱାର ସମ୍ମୁଖରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କର ଦର୍ପଦଳନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପହଞ୍ଚିବା ପରେ ପବିତ୍ର ବାହୁଡା ଯାତ୍ରା ଶେଷ ହୋଇଛି । ଶ୍ରୀଜୀଉମାନେ ୯ ଦିନର ଲୀଳାଖେଳା ସାରି ଜନ୍ମବେଦୀରୁ ବାହୁଡି ଆସିଛନ୍ତି । ଶନିବାର ଅପରାହ୍ନ ୩ଟାରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତି ସାଢେ ୯ଟା ସୁଦ୍ଧା ତିନି ରଥ ସିଂହଦ୍ୱାର ସାମ୍ନାରେ ପହଞ୍ଚିଥିଲେ। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ବାହାରି ଥିଲେ। ପରେ ପରେ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଥିଲେ।

ଶ୍ରୀମନ୍ଦିର ସମ୍ମୁଖକୁ ଜଗତର ନାଥ ଶ୍ରୀଜଗନ୍ନାଥ ନନ୍ଦିଘୋଷରେ ଗହଳ ଲଗାଇ ଆସିଥିବାରୁ ବଡ଼ ଭାଇ ଓ ଭଉଣୀ ପହଞ୍ଚିବାର ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ପରେ ପହଞ୍ଚିଥିଲେ। ସିଂହଦ୍ୱାରରେ ପହଞ୍ଚିବା ପୂର୍ବରୁ ଶ୍ରୀନଅରଠାରେ ଲକ୍ଷ୍ମୀନାରାୟଣଙ୍କ ଭେଟ ହୋଇଥିଲା। ଏହା ପୂର୍ବରୁ ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ଲାଗି ହୋଇଥିଲା। ପ୍ରାୟ ୨୦ ମିନିଟ ଯାଏଁ ଶ୍ରୀଲକ୍ଷ୍ମୀନାରାୟଣ ଭେଟ ନୀତି ଅନୁଷ୍ଠିତ ହୋଇଥିଲା।

ରବିବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏହି ଦୁର୍ଲ୍ଲଭ ବେଶ ରଥ ଉପରେ ଆୟୋଜନ କରାଯିବ। ଅପରାହ୍ନ ୪ଟାରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ ବିଳମ୍ବିତ ରାତି ଯାଏଁ ଏହା ଜାରି ରହିବ। ଭକ୍ତମାନଙ୍କୁ ଶ୍ରୀଜୀଉମାନେ ମହଣ ମହଣ ସୁନାରେ ସଜେଇ ହୋଇ ଦର୍ଶନ ଦେବେ । ପ୍ରଶାସନ ତରଫରୁ ସୁନା ବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏଥିପାଇଁ ଶ୍ରୀମନ୍ଦିର ଓ ସିଂହଦ୍ୱାରରେ ବ୍ୟାପକ ପୁଲିସ ମୁତୟନ ବ୍ୟବସ୍ଥା କରାଯାଇଛି।

ରବିବାର ରଥ ଉପରେ ଅନନ୍ୟ ନୀତି ବଢ଼ି ମଧ୍ୟାହ୍ନ ଧୂପ, ମଇଲମ ପରେ ଅପରାହ୍ନରେ ମେକାପ ସର୍ବାଙ୍ଗ ନୀତି ସମ୍ପନ୍ନ ହେବା ପରେ ଅପରାହ୍ନ ୫ଟାରୁ ୬ଟା ୩୦ ମଧ୍ୟରେ ଠାକୁରମାନଙ୍କୁ ସୁନାବେଶରେ ସଜ୍ଜିତ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ରାତି ୧୧ଟା ପର୍ଯ୍ୟନ୍ତ ଭକ୍ତ ମହାପ୍ରଭୁଙ୍କ ସୁନାବେଶ ଦେଖିପାରିବେ ବୋଲି ମଧ୍ୟ ପ୍ରଶାସନ ନିଷ୍ପତ୍ତି ନେଇଛି । ବେଶ ଓ ଲାଗି ପରେ ବଡସିଂହାର ବେଶ ଓ ରାତ୍ର ପହୁଡ଼ ହେବ। ସୁନାବେଶ ପାଇଁ ଶ୍ରୀକ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିବା ବେଳେ ମାର୍କେଟ ଛକରୁ ବ୍ୟାରିକେଡ଼ କରାଯାଇଛି। ଲୋକମାନେ ମାର୍କେଟ ଛକରୁ ବ୍ୟାରିକେଡ଼ରେ ଆସି ବେଶ ଦେଖିବା ପରେ ତିନିରଥ ପଛପଟ ରାସ୍ତା ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି।



ଶ୍ରୀଜୀଉଙ୍କର ସମସ୍ତ ଚିତ୍ତାକର୍ଷକ ବେଶ ମଧ୍ୟରେ ସୁନାବେଶ ଅନ୍ୟତମ । ଶ୍ରୀବଳଭଦ୍ର ଶ୍ରୀପୟର, ଶ୍ରୀଭୁଜ, କିରିଟି, ଘାଗଡାମାଳି, କଦମ୍ବମାଳି, କାନ କୁଣ୍ଡଳ, କମରପଟି, ଆଡକାନି, ଚନ୍ଦ୍ରିକା, ସେବତୀ ମାଳି, ବାଘନଖ ମାଳି, ବାହାଡାମାଳି, ଅସ୍ତ୍ରହଳ ଓ ମୁଷଳ, ତିଳକ, ତ୍ରିଖଣ୍ଡିକା ଓ ଝୋବାକଣ୍ଠି ଆଦି ପରିଧାନ କରିଥାନ୍ତି । ଦେବୀ ସୁଭଦ୍ରା କିରିଟି, ଓଡିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଦୁଇଟି ତଗଡି,ସେବତୀ ମାଳି, ଘାଗଡାମାଳି, କଦମ୍ବମାଳି ଆଦି ପରିଧାନ କରିଥାନ୍ତି। ସେହିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀପୟର, ଶ୍ରୀଭୁଜ, କିରିଟି, ଆଦି ଅନେକ ସୁନା ଅଳଙ୍କାର ସହ ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ, କମରପଟି, (ପୃଷ୍ଠା ୭ରେ)

## ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁରୁଖୁରୁରେ ବାହୁଡ଼ା ଯାତ୍ରା ସମ୍ପନ୍ନ



**ଭୁବନେଶ୍ୱର, ୫।୭**
**ନ୍ୟୁଜ୍ ବ୍ୟୁରୋ**

ଶ୍ରୀକ୍ଷେତ୍ର ପୁରୀରେ ଶନିବାର ଶାନ୍ତି ଶୃଙ୍ଖଳାର ସହିତ ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ଟୁଇଟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁରୁଖୁରୁରେ ଶେଷ ହୋଇଛି ବାହୁଡ଼ା ଯାତ୍ରା। ଭକ୍ତମାନଙ୍କ ଶାନ୍ତିଶୃଙ୍ଖଳା ଦର୍ଶନ ପାଇଁ ଗ୍ରୀନ କରିଡ଼ର ସହିତ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ୨୫ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସେହିପରି ଯାନବାହନ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ଟ୍ରାଫିକ ପୋଲିସ ମୁତୟନ ହୋଇଛନ୍ତି। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀ ନିଜେ ଏହାର ସମୀକ୍ଷା କରୁଛନ୍ତି।

ଶ୍ରୀକ୍ଷେତ୍ରରେ ପବିତ୍ର ବାହୁଡା ଯାତ୍ରା ସଂପନ୍ନ ହୋଇଛି। ଅପରାହ୍ଣ ୩ଟାରୁ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଅପରାହ୍ଣ ୪ଟା ୩୦ ସୁଦ୍ଧା ଶରଧାବାଲିରୁ ତିନି ରଥ ବାହାରି ଶ୍ରୀମନ୍ଦିର ଅଭିମୁଖେ ଗଡିଥିଲେ। ଆଗେ ଆଗେ ପ୍ରଭୁ ବଳଭଦ୍ର ଯାଇଥିବା ବେଳେ ତାଙ୍କ ପଛକୁ ଅର୍ଥାତ ମଝିରେ ଭଉଣୀ ସୁଭଦ୍ରା ଓ ପଛରେ କାଳିଆ ଠାକୁର ଆସିଥିଲେ।

ଅପରାହ୍ଣ ୪ଟାରେ ରଥଟଣା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ମହାପ୍ରଭୁଙ୍କ ଅପରା କରୁଣାରୁ ନିର୍ଦ୍ଧାରିତ ସମୟ ଠାରୁ ପ୍ରାୟ ୧ ଘଣ୍ଟା ଆଗରୁ ରଥ ଟଣା ହୋଇଥିଲା। ସନ୍ଧ୍ୟା (ପୃଷ୍ଠା ୭ରେ)

## ୭ରେ ଜନସାଧାରଣଙ୍କର ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୭**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୭ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ୩୦.୦୬.୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ଜୁନ୍ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରୀ) ଠାରେ ଜନ ଶୁଣାଣି ପାଇଁ ଉପସ୍ଥିତ ରହିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମାଲିରେ ଓଡ଼ିଶାର ବାସୀନ୍ଦାଙ୍କ ଅପହରଣ ନେଇ ବୈଦେଶିକ ମନ୍ତ୍ରଣାଳୟର ହସ୍ତକ୍ଷେପ ଦାବି କଲେ ନବୀନ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୫।୭**
**ନ୍ୟୁଜ୍ ବ୍ୟୁରୋ**

ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲିରେ ନିଖୋଜ ଥିବା ଗଞ୍ଜାମ ଜିଲ୍ଲାର ୨୮ ବର୍ଷୀୟ ପି. ଭେଙ୍କଟରମଣଙ୍କ ଶୀଘ୍ର ଏବଂ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ନିବେଦନ କରିଛନ୍ତି। ଯୁବକ ଜଣକ ମାଲିର ଡାଇମଣ୍ଡ ସିମେଣ୍ଟ କାରଖାନାରେ କାମ କରୁଥିଲେ, ଯେଉଁଠାରେ ସେ ଜୁଲାଇ ୧ ତାରିଖରେ ଏକ ସଶସ୍ତ୍ର ଆକ୍ରମଣ ପରେ ନିଖୋଜ ଅଛନ୍ତି । ତାଙ୍କ ପରିବାର ସ୍ଥାନୀୟ ପୋଲିସରେ ଅଭିଯୋଗ କରିଛନ୍ତି ଏବଂ ଏପର୍ଯ୍ୟନ୍ତ ଏ ନେଇ କୌଣସି ସୂଚନା ପାଇନାହାଁନ୍ତି।

ଶ୍ରୀ ପଟ୍ଟନାୟକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ଭେଙ୍କଟରମଣ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ବ୍ଲକର ସମରାଝୋଲ ଗ୍ରାମର। ତାଙ୍କୁ ମାଲିରେ ଆତଙ୍କବାଦୀମାନେ ଅପହରଣ କରିଛନ୍ତି ଏବଂ ସେବେଠାରୁ ପରିବାର ସହିତ ଯୋଗାଯୋଗରେ ନାହାନ୍ତି। ସେ ଏହି



ମାମଲାରେ ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି।

ମାଲିର କାୟେସ ସହରରେ ଅବସ୍ଥିତ ଡାଇମଣ୍ଡ ସିମେଣ୍ଟ କାରଖାନା ଉପରେ ଆକ୍ରମଣରେ ତିନି ଜଣ ଭାରତୀୟଙ୍କୁ ଅପହରଣ କରାଯାଇଥିବା କଥା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନିଶ୍ଚିତ କରିଛି । ଭାରତୀୟ ଦୂତାବାସ ବାମାକୋର ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ କାରଖାନା ପରିଚାଳନା ସହିତ ଯୋଗାଯୋଗରେ ଅଛି । ଭେଙ୍କଟରମଣ ନଭେମ୍ବର ୨୦୨୩ରୁ ସେଠାରେ କାମ କରୁଥିଲେ।

## ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନେଇ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୫।୭**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ, ସେ ସବୁର ପରିଚାଳନା ଓ ରକ୍ଷଣାବେକ୍ଷଣ ପରିପ୍ରେକ୍ଷୀରେ ସଂପୃକ୍ତ ବିଭିନ୍ନ ବିଭାଗର ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଆନ୍ତଃ ବିଭାଗୀୟ ସମନ୍ୱୟ କମିଟି ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ପାନୀୟ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟଭିତ୍ତିକ ନିରୀକ୍ଷଣ ପାଇଁ ଏକ ସୁଦୃଢ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ଏହି ବ୍ୟବସ୍ଥା ପ୍ରଥମେ ମେଗା ପ୍ରକଳ୍ପଗୁଡ଼ିକରେ ସ୍ଥାପିତ ସ୍କାଡା ବ୍ୟବସ୍ଥା ସହ ସଂଯୋଜିତ ହେବ ଏବଂ ସମୟକ୍ରମେ ତାହା ସଂପ୍ରସାରିତ ହୋଇ



ଛୋଟ ଛୋଟ ଯୋଜନାଗୁଡିକରେ ଥିବା କମ୍ପ୍ୟୁଟରୀକୃତ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଜଳଯୋଗାଣ ପ୍ରକଳ୍ପଗୁଡିକର ସ୍ଥିତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା ଏବଂ ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନ ନେଇ ସଂପୃକ୍ତ ବିଭିନ୍ନ ବିଭାଗୀୟ ସମସ୍ୟା ରହିଛି, ସେସବୁକୁ ଏକ ମାସ ମଧ୍ୟରେ ସମାଧାନ କରିବାକୁ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଥିଲା । ଏହାକୁ ସହଜ କରିବା ପାଇଁ ସାପ୍ତାହିକ କିମ୍ବା ପାକ୍ଷିକ ଯୁଗ୍ମ ସମୀକ୍ଷା ବୈଠକ କରାଯିବ ଏବଂ ଏଥିପାଇଁ ସଂପୃକ୍ତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀମାନଙ୍କର ଏକ ନିର୍ଦ୍ଦିଷ୍ଟ ହ୍ୱାଟସ୍ଆପ୍ ଗ୍ରୁପ୍ କରାଯିବ, ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଉପଯୁକ୍ତ ସମନ୍ୱୟ କରାଯାଇପାରିବ।

କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣର ପ୍ରଭାବୀ ପରିଚାଳନା ଓ ରକ୍ଷଣାବେକ୍ଷଣ ତଦାରଖପାଇଁ ପ୍ରତି ଜିଲ୍ଲାସ୍ତରରେ ପ୍ରକଳ୍ପ ପରିଚାଳନା ୟୁନିଟ୍ ସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥି ସହିତ, ସମାନ୍ତରାଳ ଭାବେ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପାନୀୟ ଜଳର ଗୁଣବତ୍ତା ନିରୀକ୍ଷଣ କୌଶଳ, ଫିଲ୍ଡ ଟେଷ୍ଟିଂ କିଟ୍, ସୁରକ୍ଷିତ ସର୍ବେକ୍ଷଣ ଏବଂ ଜଳ ଜୀବନ ମିଶନ୍ ଆପ ମାଧ୍ୟମରେ ରିଅଲ୍ ଟାଇମ୍ ରିପୋର୍ଟିଂ ସଂପର୍କରେ ପ୍ରଶିକ୍ଷଣ ଦିଆଯିବ । ଭିତ୍ତିଭୂମି-କୈନ୍ଦ୍ରିକ (ପୃଷ୍ଠା ୭ରେ)

## ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବ୍ୟବହାର ବାଧ୍ୟତାମୂଳକ

**ଭୁବନେଶ୍ୱର, ୫।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଜନସଂଖ୍ୟା ଓ ଯାନବାହନ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସଡକ ଦୁର୍ଘଟଣା ସଂଖ୍ୟା ମଧ୍ୟ ସେହି ଅନୁସାରେ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ଦୁର୍ଘଟଣାରେ ଧନହାନୀ ସହ ଦୁର୍ଲଭ ଜୀବନ ମଧ୍ୟ ଚାଲିଯାଉଛି। ତେବେ ବାଇକ ଦୁର୍ଘଟଣାରେ ମୃତ୍ୟୁକୁ ରୋକିବା ପାଇଁ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟକୁ ଚିଠି ଲେଖା ଯାଇ କୁହାଯାଇଛି ଯେ ଦୁଇ ଚକିଆ ଯାନ ଚଳାଇବା ବେଳେ ସୁରକ୍ଷା ପାଇଁ କେବଳ ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବ୍ୟବହାର କରିବା ବାଧ୍ୟତାମୂଳକ ହେବ। ଏପରିକି ବିଆଇଏସ୍ ପ୍ରମାଣପତ୍ର ବିନା ହେଲମେଟ୍ ନିର୍ମାଣ କିମ୍ବା ବିକ୍ରୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି । ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଥିବା ଅନେକ ହେଲମେଟ୍ ବିଆଇଏସ୍ ପ୍ରମାଣପତ୍ର ବିନା ବିକ୍ରୀ ହେଉଛି। ତେଣୁ ଏଥିପାଇଁ ଚଢ଼ଉକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସୁନାବେଶରେ ଝଟିକିବେପରା
ତିନି ଭଉଣୀ ଭାଇ
ବଡ ଠାକୁରଙ୍କ ଅପୂର୍ବ ଶୋଭା
ମନଲୋଭା ସୁନା ମୁହିଁ
କାଳିଆ ମୁହଁକୁ ଚାହିଁ
ନିଜକୁ ନିଜେ ଭୁଲିବୁରେ ଧନ
ଭକ୍ତିରେ ଭିଜିବୁ ତୁହି ।

# ହ୍ରାସ ପାଉଛି ଭାରତରେ ଦାରିଦ୍ର୍ୟ ହାର



**ନୂଆଦିଲ୍ଲୀ, ୫।୭**

ଲକ୍ଷ ଲକ୍ଷ ଭାରତୀୟ ଅତ୍ୟନ୍ତ ଦାରିଦ୍ର୍ୟ ସୀମାରେଖାରୁ ବାହାରି ଆସିଛନ୍ତି । ଏନେଇ କିଛି ଦିନ ପୂର୍ବେ ସରକାରୀ ତଥ୍ୟ ପ୍ରକାଶ ପାଇଛି । ତଥାପି ଅନେକ ଏବେ ବି କ୍ଷୁଧା, ଋଣ କିମ୍ବା ନିରାଶା ମଧ୍ୟରେ ଗତି କରୁଛନ୍ତି। ଦାରିଦ୍ର୍ୟ କେବଳ ସଂଖ୍ୟାରେ କମୁଥିଲେ ମଧ୍ୟ ପ୍ରକୃତରେ ହ୍ରାସ ପାଇନାହିଁ। ଭାରତରେ ଦାରିଦ୍ର୍ୟ ହାର ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ପ୍ରଗତିକୁ ଦର୍ଶାଉଛି । ଆନ୍ତର୍ଜାତିକ ଦାରିଦ୍ର୍ୟ ସୀମା ରେଖା ତଳେ କମ ଲୋକ ରହୁଛନ୍ତି । ଅଧିକ ଲୋକଙ୍କ ପାଖରେ ଖାଦ୍ୟ, ଚାକିରି, ବିଦ୍ୟୁତ ଏବଂ ବାସସ୍ଥାନର ସୁବିଧା ଅଛି । ସରକାରୀ ତଥ୍ୟରେ ଦାରିଦ୍ର୍ୟ ହାର ହ୍ରାସ ପାଇଛି । ତେବେ ଏହି ତଥ୍ୟ ପଛରେ ଲକ୍ଷ ଲକ୍ଷ ଲୋକ ଏବେ ବି କ୍ଷୁଧା, ଋଣ ଓ ଦାରିଦ୍ର୍ୟ ସହ ସଂଘର୍ଷ କରୁଛନ୍ତି। ସେମାନଙ୍କର ନାମ ଆଉ ଦାରିଦ୍ର୍ୟ ଗଣନାରେ ଦେଖାଯାଇ ନ ପାରେ, କିନ୍ତୁ ବାସ୍ତବତାରେ ସେମାନଙ୍କ ଆର୍ଥିକ ସ୍ତରରେ ପରିବର୍ତ୍ତନ ହୋଇନାହିଁ । ସେମାନେ କାଗଜପତ୍ରରେ ଗରିବ ନୁହଁନ୍ତି, କିନ୍ତୁ ସେମାନେ ସୁରକ୍ଷିତ ମଧ୍ୟ ନୁହଁନ୍ତି।

ସଦ୍ୟ ପ୍ରକାଶିତ ବିଶ୍ୱ ବ୍ୟାଙ୍କର ବୈଶ୍ୱିକ ଦାରିଦ୍ର୍ୟ ରିପୋର୍ଟରେ ଭାରତରେ ଦାରିଦ୍ର୍ୟ ହାର ଦ୍ରୁତ ଗତିରେ ହ୍ରାସ ପାଇଥିବା ଉଲ୍ଲେଖ ହୋଇଛି । କ୍ରୟ ଶକ୍ତି ସମାନତା ହାରରେ ଭାରତରେ ଦିନକୁ ୩ (ପୃଷ୍ଠା ୭ରେ)

## ମୌସୁମୀ ସକ୍ରିୟ: ପୁଣି ଏକ ଲଘୁଚାପ

**ପୁରୀ, ୫।୭ : ନ୍ୟୁଜ୍ ବ୍ୟୁରୋ**

ସାରା ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇଥିବା ବେଳେ ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆଗାମୀ ୨୪ ଘଣ୍ଟାରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ଆଖପାଖରେ ଏହି ଲଘୁଚାପ ସୃଷ୍ଟି ସମ୍ଭାବନା ରହିଛି।

ରବିବାର ବିଭିନ୍ନ ଜିଲ୍ଲାକୁ ଏଥିପାଇଁ ବର୍ଷା ଓ ବଜ୍ରପାତ ନେଇ ସତର୍କ କରାଯାଇଛି।

ଏ ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହା ସହ ୧୪ ଜିଲ୍ଲାକୁ ପ୍ରବଳ ବର୍ଷା ଓ ବଜ୍ରପାତ ନେଇ ୟେଲୋ ୱାର୍ଣ୍ଣିଂ କରାଯାଇଛି।



ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଉପରେ ସକ୍ରିୟ ରହିଥିବା ବେଳେ ଆଗାମୀ ୭ ଦିନ ପାଇଁ ବର୍ଷା ନେଇ ପୂର୍ବାନୁମାନ କରିବା ସହିତ ଚେତାବନୀ ଦେଇଛି ପାଣିପାଗ ବିଭାଗ।

ଶନିବାର ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନରେ (ପୃଷ୍ଠା ୭ରେ)





# ଠେଲା ଗାଡ଼ିରେ ଖୋଲୁଛି ଠିପି : ମଦ ପିଇ ବଡ଼ଦାଣ୍ଡରେ ଗଡୁଛନ୍ତି ମଦୁଆ

**ପୁରୀ, ନ୍ୟୁଜ ବ୍ୟୁରୋ**

ଅପବିତ୍ର ହେଉଛି ମହାପ୍ରଭୁଙ୍କ ବଡ଼ଦାଣ୍ଡ । ଠାକୁରଙ୍କ ବିଜେ ଦାଣ୍ଡରେ ଗଡ଼ୁଛନ୍ତି ମାଳ ମାଳ ମଦୁଆ । ପଡୁଛି ଖାଲି ମଦବୋତଲ ଓ ଉଡୁଛି ପ୍ଲାଷ୍ଟିକ୍ ଗ୍ଲାସ । ରାତି ହେଲେ ଠେଲା ଗାଡ଼ିରେ ଖୋଲୁଛି ଠିପି । ତିନି ଚାରି ଜଣ ଏକାଠି ହୋଇ ବେଧଡ଼କ ଚାଲୁଛି ମଦ ପିଆ । ଅଭଦ୍ର ଭାଷାରେ ପରସ୍ପରକୁ ଗାଳିମନ୍ଦ କରୁଛନ୍ତି । ଯାତ୍ରୀଙ୍କ ଚଳପ୍ରଚଳ କି ପୁଲିସ ବାବୁଙ୍କ ଉପସ୍ଥିତିକୁ ବେଖାତିର। ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ସମୟରେ ବଡ଼ଦାଣ୍ଡର ଏଭଳି ବିକଳ ଚିତ୍ର ବ୍ୟଥିତ କରୁଛି।

ଶ୍ରୀମନ୍ଦିରଠାରୁ ଶହେ ମିଟର ଦୂର ମରିଚିକୋଟ ଛକରେ ଜଣେ ମଦ୍ୟପ ଉତ୍ପାତ କରୁଥାଏ । ବଡ଼ଦାଣ୍ଡରେ ବସି ଭୋଜନ ସାଙ୍ଗକୁ ଶୂନ୍ୟକୁ ଗାଳିଗୁଲଜ ଚାଲିଥାଏ । କିଛି ଦୂରରେ ଅଟକିଥାଏ ଠେଲା ଗାଡ଼ି । ନିକଟରେ ଚାଉମିନ୍ ସାଙ୍ଗକୁ ଏକାଧିକ ଗ୍ଲାସ ସଜଡ଼ା ହୋଇଥାଏ । ସେହି ଠେଲାରେ



ଖୁଲମ୍‌ଖୁଲା ବୋତଲର ଠିପି ଖୋଲି ମଦ ଢ଼ାଳି ଟେକୁଥାନ୍ତି ଏକାଧିକ ଯୁବକ। ନିଜ ଭିତରେ ଆଲୋଚନା ବେଳେ ଅଭଦ୍ର ଭାଷାର ପ୍ରୟୋଗରେ ଲଗାମ୍ ନଥାଏ । ବଡ଼ଦାଣ୍ଡ ବୋଲି କାହାରି ହିତାହିତ ଜ୍ଞାନ ରହୁ ନଥାଏ । ଏହା ପୂର୍ବରୁ ମାର୍କେଟ ଛକରେ ଓ ଟାଉନ୍ ଥାନା ନିକଟରେ ଦୁଇ ଜଣ ମଦୁଆ ବଡ଼ଦାଣ୍ଡରେ ଲୋଟୁଥିବା ଦେଖିବାକୁ ମିଳିଥିଲା ।

ସ୍ଥାନୀୟ ଲୋକେ କୁହନ୍ତି ଏଭଳି ଦୃଶ୍ୟ କିଛି ନୂଆ ନୁହେଁ । ବଡ଼ଦାଣ୍ଡ ପାର୍ଶ୍ୱର୍ ନରେନ୍ଦ୍ର କୋଣରେ ମିଳୁଛି ଦେଶୀ ମଦ । ଦିନରେ ଯାହା କିଛି ରୋଜଗାର କରି ସନ୍ଧ୍ୟାରେ ସେଠାରେ ପହଞ୍ଚୁଛନ୍ତି। ପେଟେ ମଦ ପିଇ ବଡ଼ଦାଣ୍ଡକୁ ଫେରି ଉତ୍ପାତ କରୁଛନ୍ତି । ବଡ଼ଦାଣ୍ଡକୁ ଆଶ୍ରା କରି ବ୍ୟବସାୟ କରୁଥିବା କିଛି ବେପାରୀ ମଧ ରାତି ହେଲେ ଠେଲାରେ ମଦ ପିଇ ରାସ୍ତାରେ ବୋତଲ ଗଡ଼ାଇ ଦେଉଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ଦୁଇ ଦୁଇଟା ପୁଲିସ ଥାନା। ଅହରହ ବାସିନ୍ଦାଙ୍କ ଉପସ୍ଥିତି। ପୁଣି ଯାତ୍ରୀଙ୍କ ଭିଡ଼ । ବଡ଼ବଡ଼ିଆ ଅଧିକାରୀ ଓ ନେତାଙ୍କ ଚଳପ୍ରଚଳ । ତଥାପି ବଡ଼ଦାଣ୍ଡରୁ ମଦ କିମ୍ବା ମଦୁଆଙ୍କୁ ହଟାଯାଇ ପାରୁନି । ଏଭଳି ସ୍ଥିତିରେ ଶ୍ରୀକ୍ଷେତ୍ରକୁ ମଦ ମୁକ୍ତ କରିବା ଘୋଷଣା ମୁଖିଆଙ୍କ କେବଳ ବାହାସ୍ଫୋଟ ବୋଲି ସମାଲୋଚନା କରାଯାଉଛି।

ଜଣେ ପୁଲିସ ଅଧିକାରୀଙ୍କ କହିବା ଅନୁସାରେ ମଦୁଆଙ୍କୁ ତାଗିଦ୍ କଲେ କଥା ଶୁଣିବେ ନାହିଁ। ଥାନାକୁ ନେବା କଷ୍ଟକର ବ୍ୟାପାର । ଥାନାକୁ ନେଲେ ବଡ଼ବାବୁ ପାଟି କରିବେ। ମଦୁଆଙ୍କୁ ଭୟଭିତ କରିବା ଲାଗି ସର୍ବସାଧାରଣ ସ୍ଥାନରେ ମାଡ଼ ମାରିବା ଆହୁରି ଚିନ୍ତାଜନକ । କିଛି ହେଲେ ଆମେ ଅଡୁଆରେ ପଡ଼ିବୁ।

# ଚିଙ୍ଗୁଡ଼ି ଉତ୍ପାଦନରେ ଶୀର୍ଷ ଛୁଇଁବ ଓଡ଼ିଶା

## ୨୦୩୬ ସୁଦ୍ଧା ୯ଲକ୍ଷ ଟନ୍ ଉତ୍ପାଦନ ଲକ୍ଷ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବଢ଼ିବ ଚିଙ୍ଗୁଡ଼ି ଉତ୍ପାଦନ। ବର୍ତ୍ତମାନ ବାର୍ଷିକ ଯେତିକି ଚିଙ୍ଗୁଡ଼ି ଉତ୍ପାଦନ ହେଉଛି, ଆସନ୍ତା ୧୦ବର୍ଷ ମଧ୍ୟରେ ତାହା ୯ଗୁଣ ଅଧିକରେ ପହଞ୍ଚିବ । ଏବେ ବାର୍ଷିକ ୧ ଲକ୍ଷ ୬୦ହଜାର ଟନ୍ ଉତ୍ପାଦନ ହେଉଥିବା ବେଳେ ୨୦୩୬ରେ ୯ଲକ୍ଷ ଟନ୍ ଚିଙ୍ଗୁଡ଼ି ଉତ୍ପାଦନ ହେବ । ରପ୍ତାନୀ ମଧ ବୃଦ୍ଧି ପାଇବ । ଓଡ଼ିଶାର ଚିଙ୍ଗୁଡ଼ି ଦେଶବିଦେଶରେ ପହଞ୍ଚିବ । ଚିଙ୍ଗୁଡ଼ି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ମଧ ସୁଦୃଢ଼ ହେବ। ଏଥିପାଇଁ ରାଜ୍ୟ ସରକାର ପ୍ରତିଷ୍ଠା କରିବେ 'ଓଡ଼ିଶା ଚିଙ୍ଗୁଡ଼ି ମିଶନ୍' । ଏଭଳି ଏକ ଭିଜନ ରଖି ରାଜ୍ୟ ସରକାର ଏବେ କାମ ଆରମ୍ଭ କରିଛନ୍ତି।

ଓଡ଼ିଶା ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ଥିବାରୁ ଦେଶର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ରାଜ୍ୟ । ସାମୁଦ୍ରିକ ମତ୍ସ୍ୟ ବିକାଶ ପାଇଁ ଏଠାରେ ଅପାର ସୁଯୋଗ ରହିଛି । ତେଣୁ ସାମୁଦ୍ରିକ ଅର୍ଥନୀତିକୁ କିଭଳି ମଜଭୁତ କରାଯିବ ସେନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସେଥିପାଇଁ ସମୁଦ୍ରରୁ ଉତ୍ପାଦନ ହେଉଥିବା ଚିଙ୍ଗୁଡ଼ି ସମେତ ସାମୁଦ୍ରିକ ଓ ମଧୁର ଜଳ ମାଛ ଉତ୍ପାଦନ ବଢ଼ାଯିବ। ସରକାରଙ୍କ ତଥ୍ୟ ଅନୁସାରେ, ଏବେ ବାର୍ଷିକ ୧୧ ଲକ୍ଷ ୨୦ହଜାର ଟନ୍ ମତ୍ସ୍ୟ ଓ ଅନ୍ୟାନ୍ୟ ଜଳଜୀବ(ଚିଙ୍ଗୁଡ଼ି, କଙ୍କଡ଼ା) ଉତ୍ପାଦନ ହେଉଛି । ଆସନ୍ତା ୫ବର୍ଷରେ ଏହି ଉତ୍ପାଦନ ୨୨ଲକ୍ଷ ଟନ୍ ଓ ୨୦୩୬ ସୁଦ୍ଧା ୩୩ ଲକ୍ଷ ଟନ୍‌ରେ ପହଞ୍ଚିବ। ବର୍ତ୍ତମାନ ରାଜ୍ୟରେ ୨ଲକ୍ଷ ୨୦ହଜାର ଟନ୍ ଲୁଣି ମାଛ ଉତ୍ପାଦନ ହେଉଥିବା ବେଳେ ୭ ଲକ୍ଷ ୩୦ହଜାର ଟନ୍ ମଧୁର ମାଛ ଉତ୍ପାଦନ ହେଉଛି । ତଥାପି ଆମେ ବାହାର ରାଜ୍ୟରୁ ମଧୁର ମାଛ ଆଣୁଛୁ। ୨୦୨୯ ସୁଦ୍ଧା ରାଜ୍ୟରେ ୩ଲକ୍ଷ ୫୦ହଜାର ଟନ୍, ୨୦୩୬ ସୁଦ୍ଧା ୪ଲକ୍ଷ ୫୦ହଜାର ଟନ୍ ସାମୁଦ୍ରିକ ମାଛ ଉତ୍ପାଦନ ହେବ। ଆଗାମୀ ୫ବର୍ଷରେ ୧୩ଲକ୍ଷ ୫୦ହଜାର ଟନ୍ ଓ ୧୦ବର୍ଷରେ ୧୯ଲକ୍ଷ ୫୦ହଜାର ଟନ୍ ମିଠା ଜଳ ମାଛ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଉଲ୍ଲେଖଯୋଗ୍ୟ, ଦେଶରେ ମାଛ ଖାଉଥିବା ଲୋକଙ୍କ ମଧ୍ୟରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫(୨୦୧୯-୨୦) ଅନୁସାରେ, ଓଡ଼ିଶାରେ ୯୪.୭୫% ଲୋକ ମାଛ ଖାଆନ୍ତି । ୨୦୧୯-୨୦ରେ ଓଡ଼ିଶାରେ ମୁଣ୍ଡ ପିଛା ମାଛ ବ୍ୟବହାର ୧୬.୨୪ କିଲୋଗ୍ରାମ ଥିବା ବେଳେ



୨୦୨୩-୨୪ରେ ଏହା ୧୮.୩୩କିଗ୍ରାରେ ପହଞ୍ଚିଛି । ତଥ୍ୟ ଉପରେ ନଜର ଦେଲେ, ଏବେ ବାର୍ଷିକ ୪ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଛି । ୨୦୨୯ରେ ୧୦ କୋଟି ଓ ୨୦୩୬ରେ ୨୫ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେବ । ସେହିପରି ଏବେ ରାଜ୍ୟରେ ୨୮ଟି ଚିଙ୍ଗୁଡ଼ି ହାଚେରୀ ଅଛି। ୨୦୨୯ରେ ୪୨ ଓ ୨୦୩୬ରେ ୭୩ଟି ହାଚେରୀ ନିର୍ମାଣ ହେବ । ରାଜ୍ୟରେ ୨୦୩୬ ସୁଦ୍ଧା ୩ଟି ଗଭୀର ସମୁଦ୍ର ମାଛଧରା ବନ୍ଦର ସହ ୧୧୫ଟି ମାଛଧରା ବନ୍ଦର ଏବଂ ଅବତରଣ କେନ୍ଦ୍ର ପ୍ରତିଷ୍ଠା ହେବ । ଗୋପାଳପୁରରେ ପ୍ରଥମ ଗଭୀର ସମୁଦ୍ର ମାଛଧରା ବନ୍ଦର ଓ ଅସ୍ତରଙ୍ଗ, ଚୁଡ଼ାମଣି, ଗୋପାଳପୁର ଓ ବାହାବଳପୁରରେ ମାଛଧରା ବନ୍ଦର ରହିବ । ଏହି ଯୋଜନା ଯଦି ସଫଳ ହୁଏ ତେବେ ଓଡ଼ିଶା ଚିଙ୍ଗୁଡ଼ି ଉତ୍ପାଦନ ଓ ରପ୍ତାନୀରେ ଶ୍ରେଷ୍ଠ ୨ରାଜ୍ୟ ମଧ୍ୟରେ ସ୍ଥାନ ପାଇବ। ଏଥିସହ ମଧୁରଜଳ ସାମୁଦ୍ରିକ ଖାଦ୍ୟ ପ୍ରଜାତିରୁ ଉତ୍ପାଦନ ଓ ରପ୍ତାନୀ ପାଇଁ ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ରହିବ ।

# ଏବେ ଅଲୋଡ଼ାରେ ରୁକୁଣା ରଥ ଚକ, ଅଖ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ହଜାର ହଜାର ଏକର ଭୂସମ୍ପତ୍ତି । ଏତେ ସମ୍ପତ୍ତିର ମାଲିକ ହୋଇବି ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥର ଚକ, ଅଖ ଆଦି ରଖିବାକୁ ବଡ ଷ୍ଟୋର ରୁମ ନାହିଁ । ଗତ ଏପ୍ରିଲ ମାସରେ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ସମ୍ପନ୍ନ ହୋଇଥିଲା। ଏବେ ସେଇ ରଥରୁ କାଠ ବାହାର କରି ଅଳ୍ପ କିଛି ହାଟ ପାଖ ଛୋଟିଆ ଷ୍ଟୋରରେ ରଖାଯାଇଛି । ଆଉ କିଛି ଚକ ଓ ଅଖ ହାଟରେ ଗୋଟିଏ କଡ଼ରେ ରଖାଯାଇଛି ଯେଉଁଠି ଲୋକେ ପରିସ୍ରା କରୁଛନ୍ତି, ହାଟର ଅଳିଆ ଗଦା ହେଉଛି । ସେଠାରେ ଅଳିଆ ବୁହା ଟ୍ରଲି ଗୁଡିକ ରଖାଯାଇଛି। ରୁକୁଣା ରଥଯାତ୍ରାର ସୁଖ୍ୟାତି ସାରା ବିଶ୍ୱରେ ବିଦିତ । ରଥରେ ବ୍ୟବହୃତ ପ୍ରତିଟି ଅଂଶ ଆଧ୍ୟାତ୍ମିକ ମହତ୍ତ୍ୱ ବହନ କରେ। ଏହି କାରଣରୁ ରଥ ଚକ, ଅଖ ରଥ ସାମଗ୍ରୀ ସବୁକୁ ଅତି କଦର୍ଯ୍ୟ ସ୍ଥାନରେ ରଖିବା ଶ୍ରଦ୍ଧାଳୁମାନଙ୍କୁ ବ୍ୟଥିତ କରୁଛି । ଯଦି ରଖିବାକୁ ଜାଗା ନାହିଁ, ତାକୁ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରି ନିଲାମ କରାଯାଉ। ପୁରୀ ରଥଯାତ୍ରାର ରଥ ଚକ ପରି ରୁକୁଣା ରଥଯାତ୍ରାର ଚକ, ଅଖ କିଣିବାକୁ ଅନେକ ବ୍ୟକ୍ତିବିଶେଷ ଏବଂ ସଂସ୍ଥା ନିଶ୍ଚୟ ଆଗ୍ରହ ପ୍ରକାଶ କରିବେ। ପୂର୍ବରୁ କିଛି ସେବାୟତ ସେବା ବାବଦ ପାଉଣା ପାଇଁ ରଥ ଚକକୁ ନେଇ ଜାଳେଣି କରୁଥିଲେ । ତେବେ ଏଥିରେ ଲାଗି ଥିବା କଣ୍ଟା ଓ କିଳା ମନ୍ଦିର ପ୍ରଶାସନକୁ ଫେରାଉ ଥିଲେ। ମାତ୍ର ଏବେ ଘରେ ରନ୍ଧନ ଗ୍ୟାସ ବ୍ୟବହାର କରୁଥିବାରୁ ଆଉ ଏହି କାଠ ନେବାକୁ ସେବାୟତ ଚାଁହୁନାହାନ୍ତି । ବରିଷ୍ଠ ସମାଜ ସେବୀ ତଥା ଏକାମ୍ର ଜନ ଜାଗରଣ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ କହିଛନ୍ତି ଯେ,ଏହି ଅଭାବନୀୟ ସ୍ଥିତି ପାଇଁ ଉଭୟ ପ୍ରଶାସନ ଆଉ ପରିଚାଳନା କମିଟି ଦାୟୀ । ଆଗକୁ ରଥ ନିର୍ମାଣ ପାଇଁ କାଠ ମିଳିବା କଷ୍ଟ ହେବ । ଯଦି ଅଖ, ଚକ ଏବଂ ରଥର ଅନ୍ୟାନ୍ୟ ଅଂଶ ଠିକ୍ ଭାବେ ରଖାଯିବ ତା'ହେଲେ ଅନେକ ସୁଫଳ ମିଳିବ । ମନ୍ଦିର କାର୍ଯ୍ୟାଳୟର କିଛି କର୍ମଚାରୀ ଏହି ପ୍ରସଙ୍ଗ ଟ୍ରଷ୍ଟ ବୋର୍ଡ ବୈଠକରେ ଉଠାଇବେ ବୋଲି ମତ ରଖିଛନ୍ତି । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି କହିଛନ୍ତି 'ପ୍ରସ୍ତାବ ଆସିଛି, ଯାହା ସମ୍ଭବ ହେବ ବିଚାର କରାଯିବ।

# ଓଲଟିଲା ୩୦ ଟନ୍ ବିପିଏଲ ଚାଉଳ ବୋଝେଇ ଟ୍ରକ୍



**ରାଉରକେଲା, ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡ ଜିଲ୍ଲା ବଣାଇ ଥାନା ଅନ୍ତର୍ଗତ ବରାମୂଷା ନିକଟରେ ସୋମବାର ସକାଳେ ବିପିଏଲ ଚାଉଳ ନେଇ ଯାଉଥିବା ଟ୍ରକ୍‌ଟି ଓଲଟି ପଡ଼ିଛି । ଫଳରେ ପାଣିରେ ପଡ଼ି ଚାଉଳ ଭିଜି ଯାଇଛି । ସୌଭାଗ୍ୟବଶତଃ ଚାଳକଙ୍କର କୌଣସି କ୍ଷତି ହୋଇନାହିଁ।

ସୂଚନା ମୁତାବକ, ବଣାଇର ଗମଲେଇ ନିକଟରେ ଥିବା ଏକ ରାଇସ ମିଲରୁ ପ୍ରାୟ ୩୦ ଟନ୍ ଚାଉଳ ଧରି ଏକ ଟ୍ରକ୍ ଆସୁଥିଲା। ପାଣ୍ଡିରୀ ଶିଳା ନିକଟରେ ଏକ ପୋଲ ପାଖରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଚାଉଳ ସବୁ ପାଣିରେ ପଡି ଯାଇଥିଲା। ପରେ ପାଣିରୁ ଚାଉଳ ବସ୍ତା ବାହାର କରାଯାଇ ଅନ୍ୟ ଏକ ଟ୍ରକ୍‌ରେ ସ୍ଥାନାନ୍ତରିତ କରାଯାଇଥିଲା। ଉକ୍ତ ଜାଗାରେ ଏକ ନୂତନ ବ୍ରିଜ୍ ହେଉଥିବା ବେଳେ ଆପ୍ରୋଚ ରୋଡ୍ ଦେଇ ଟ୍ରକ୍ ଯାଉଥିବା ବେଳେ ବର୍ଷା ଯୋଗୁ ରାସ୍ତାଟି ଦବି ଯାଇଛି । ଫଳରେ ଏଭଳି ଦୁର୍ଘଟଣା ଘଟିଲା।

# ବର୍ଷ ଶେଷ ବେଳକୁ ଋଣ ଛୁଇଁବ ୨୦୦ ଲକ୍ଷ କୋଟି

**ନୂଆଦିଲ୍ଲୀ:**

ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ମୋଟ ଋଣ ପରିମାଣ ୧୮୧.୭୪ ଲକ୍ଷ କୋଟିରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଶେଷକୁ ଏହା ପ୍ରାୟ ୨ଶହ ୧୯୬.୭୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆକଳନ କରିଛି। ମାତ୍ର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶର ସାମଗ୍ରିକ ଋଣ ପରିମାଣ ୨୦୦.୧୬ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ସମୟରେ ଦେଶର ବୈଦେଶିକ ଋଣ ପରିମାଣ ୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିଅନ ଆମେରିକୀୟ ଡଲାର ଅତିକ୍ରମ କରିଛି। ତେବେ ଦେଶର ଜିଡିପି ଓ ଋଣର ଅନୁପାତ ଅତ୍ୟନ୍ତ ସ୍ପର୍ଶକାତର ସ୍ଥିତିରେ ପହଞ୍ଚିଛି। ଋଣ ଓ ଜିଡିପି ଅନୁପାତ ୮୧ ପ୍ରତିଶତ ଅତିକ୍ରମ କରି ୮୧.୫୯%ରେ ପହଞ୍ଚିଛି। ୧୯୮୦ ମସିହାରେ ଭାରତର ଋଣ ଓ ଜିଡିପି ଅନୁପାତ ୬୦.୮୭% ରହିଥିଲା।

ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ, ଭାରତର ବୈଦେଶିକ ଋଣ ପରିମାଣ ୬୪୮.୭ ବିଲିଅନ ଆମେରିକୀୟ ଡଲାର ଥିଲା; ମାତ୍ର ୨୦୨୪ ଡିସେମ୍ବରରେ ଏହା ୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଭାରତୀୟ ଟଙ୍କା ତୁଳନାରେ ଡଲାର ମୂଲ୍ୟ ବୃଦ୍ଧି ଯୋଗୁଁ ବାହ୍ୟରଣ ପରିମାଣ ବୃଦ୍ଧି ପାଇଥିବା ଅର୍ଥ ମନ୍ତ୍ରଣାଳୟ ପ୍ରକାଶ କରିଛି। ଭାରତର ବାହ୍ୟ ଋଣର ସିଂହଭାଗ ଆମେରିକୀୟ ଡଲାର ଦ୍ୱାରା ପ୍ରଭାବିତ ହୋଇଛି ଓ ମୋଟ ଋଣର ୫୪.୮% ଆମେରିକୀୟ ଡଲାରରେ ଗ୍ରହଣ କରାଯାଇଛି। ଏହାବ୍ୟତୀତ ଜାପାନୀ ୟେନ୍, ଏସ୍‌ଡିଆର ଓ ୟୁରୋ ମଧ ଭାରତର ଋଣ କ୍ଷେତ୍ରକୁ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ଭାରତ ସରକାରଙ୍କ ଆଭ୍ୟନ୍ତରୀଣ ଋଣ ଆହରଣ ମଧ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ଏହି ରିପୋର୍ଟ ଅନୁସାରେ ଭାରତ ସରକାରଙ୍କ ମୋଟ ବାହ୍ୟ ଋଣରେ ଅଣ-ଆର୍ଥିକ କର୍ପୋରେସନଗୁଡ଼ିକର ବକେୟା ଋଣର ଅଂଶ ୩୬.୫ % ରହିଛି। ସେହିପରି ଜମା ଗ୍ରହଣକାରୀ କର୍ପୋରେସନ (କେନ୍ଦ୍ରୀୟ ବ୍ୟାଙ୍କ ବ୍ୟତୀତ) (୨୭.୮ %), କେନ୍ଦ୍ର ସରକାର (୨୨.୧ %) ଏବଂ ଅନ୍ୟାନ୍ୟ ଆର୍ଥିକ କର୍ପୋରେସନ (୮.୭ %) ରହିଛି।




ସମ୍ପ୍ରତି ଦେଶର ଆର୍ଥିକ ସ୍ଥିତିକୁ ନେଇ ଅର୍ଥନୈତିକ ବିଶାରଦମାନେ ଚିନ୍ତାବ୍ୟକ୍ତ କରିଥିବା ସମୟରେ ବିଭିନ୍ନ ରାଜ୍ୟଗୁଡ଼ିକର ମାଗଣା ବଣ୍ଟନ ବ୍ୟବସ୍ଥା ପରିସ୍ଥିତିକୁ ଆହୁରି ବିକଟ କରିବ ବୋଲି ଆକଳନ କରିଛନ୍ତି। ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକର ମାଗଣା ବଣ୍ଟନ ପ୍ରତିଶ୍ରୁତି ସାରା ଦେଶର ଅର୍ଥନୀତି ଉପରେ ଚାପ ସୃଷ୍ଟି କରିଛି। ବିଭିନ୍ନ ରାଜନୈତିକ ଦଳଗୁଡ଼ିକର 'ମାଗଣା' ପ୍ରତିଯୋଗିତା ସମ୍ପୃକ୍ତ ରାଜ୍ୟଗୁଡ଼ିକ ସହ ଦେଶର ଆର୍ଥିକ ସ୍ଥିତି ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି।

୨୦୨୪ ଡିସେମ୍ବର ରିପୋର୍ଟ ଅନୁସାରେ, ଜାମ୍ମୁ-କାଶ୍ମୀରର ଋଣ ଓ ଜିଡିପି ଅନୁପାତ ୫୧%ରେ ପହଞ୍ଚିଛିଛି। ସେହିପରି ବିଜେପି ଓ ଏହାର ସହଯୋଗୀଙ୍କ ଦ୍ୱାରା ଶାସିତ ରାଜ୍ୟ ବିହାର, ରାଜସ୍ଥାନ, ତ୍ରିପୁରା, ଆନ୍ଧ୍ରପ୍ରଦେଶର ଋଣ-ଜିଡିପି ଅନୁପାତ ୩୫% ଅତିକ୍ରମ କରିଛି। ମଧ୍ୟପ୍ରଦେଶରେ ଏହା ୩୧.୩%, ଉତ୍ତରପ୍ରଦେଶରେ ୨୯.୪%, ଛତିଶଗଡ଼ରେ ୨୯.୬%, ହରିଆଣାରେ ୨୬.୨%, ଆସାମରେ ୨୫.୭%, ମହାରାଷ୍ଟ୍ରରେ ୧୮.୪% ଥିବା ସୂଚନା ମିଳିଛି। ସେହିପରି ପଶ୍ଚିମବଙ୍ଗରେ ମାଗଣା ବଣ୍ଟନ ବ୍ୟବସ୍ଥା ସମ୍ପୃକ୍ତ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ଗୁରୁତର ପ୍ରଭାବ ପକାଇଛି। ଏଠାରେ ଋଣ ଓ ଜିଡିପି ଅନୁପାତ ୩୮%ରେ ପହଞ୍ଚିଛି। ଅଣବିଜେପିଶାସିତ ରାଜ୍ୟ ପଞ୍ଜାବରେ ଏହା ୪୪.୫%, ତାମିଲନାଡୁରେ ୨୬.୧% ରହିଛି। ତେବେ ବିତ୍ତୀୟ ପରିଚାଳନାରେ ଦୁଇ ଦଶନ୍ଧି ଧରି ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଓଡ଼ିଶାରେ ଏହି ଅନୁପାତ ସର୍ବନିମ୍ନ ୧୨.୭% ରହିଥିବାବେଳେ ସମ୍ପ୍ରତି ଏହା ଉର୍ଦ୍ଧ୍ୱଗାମୀ ହୋଇଥିବା ସୂଚନା ମିଳିଛି।

# ଇରାନ-ଇସ୍ରାଏଲ୍ ଯୁଦ୍ଧ ପାଇଁ ଭାରତକୁ ଲାଗିବ ୧.୨୧ ଲକ୍ଷ କୋଟିର ତୈଳ ଝଟ୍କା



**ନୂଆଦିଲ୍ଲୀ :**

ଅଷ୍ଟମ ଦିନରେ ପହଞ୍ଚିଛି ଇରାନ-ଇସ୍ରାଏଲ ଯୁଦ୍ଧ । ଉଭୟ ଦେଶ ମଧ୍ୟରେ ସଂଘର୍ଷ ଏବେ ଘମାଘୋଟ ହୋଇଚାଲିଛି । ଯୁଦ୍ଧ ବଢୁଥିବାବେଳେ ବିଶ୍ୱ ତେଲ ଯୋଗାଣରେ ପ୍ରମୁଖ ରୁଟ୍ ଭାବେ ପରିଗଣିତ ୩୩ କିମି ବିଶିଷ୍ଟ ଷ୍ଟ୍ରେଟ୍ ଅଫ୍‌ହୋର୍ମୁଜରେ ଅସ୍ଥିରତା ବୃଦ୍ଧି ପାଇଛି । ଏହାମଧ୍ୟରେ କ୍ରେଡିଟ୍ ରେଟିଂ ଏଜେନ୍ସି ଇକ୍ରା ଚେତାବନୀ ଦେଇଛି ଯେ, ଏସବୁ ମଧ୍ୟରେ ତୈଳ ଏବଂ ଗ୍ୟାସ ଯୋଗାଣରେ କୌଣସି ପ୍ରକାର ବାଧା ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ବଡ଼ ଚାପ ପକାଇପାରେ । ତୈଳ ବିଲ୍ ଆକାରରେ ଭାରତକୁ ମିଳିପାରେ ୧.୨୧ ଲକ୍ଷ କୋଟିର ଝଟ୍କା ।

ରେଟିଂ ଏଜେନ୍ସିର କହିବାନୁସାରେ, ଯୁଦ୍ଧଜନିତ ଅସ୍ଥିରତା ମଧ୍ୟରେ ତୈଳ ଆମଦାନି ବିଲ୍ ବୃଦ୍ଧି ପାଇବ । ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ବଢ଼ିବ ଏବଂ ଘରୋଇ କ୍ଷେତ୍ର ନିବେଶ ବାଧାପ୍ରାପ୍ତ ହେବ । ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଏକ ରଣନୀତିକ ବ୍ୟାପାର ମାର୍ଗ, ଯାହା ମାଧ୍ୟମରେ ବିଶ୍ୱ ତୈଳ ଏବଂ ଏଲ୍‌ଏନ୍‌ଜିର ପାଖାପାଖି ୨୦% ପ୍ରବାହ ହୋଇଥାଏ। ଇକ୍ରା ଅନୁସାରେ, ଭାରତର ଅଶୋଧିତ ତୈଳ ଆମଦାନିର ପାଖାପାଖି ୪୫ରୁ ୫୦% ଏବଂ ଏହାର ପ୍ରାକୃତିକ ଗ୍ୟାସ ଆମଦାନିର ୬୦% ଏହି ମାର୍ଗ ଦେଇ ଆସିଥାଏ । ଇକ୍ରା ଏହାର ରିପୋର୍ଟରେ ପ୍ରକାଶ କରିଛି ଯେ, ଇରାକ, ସାଉଦି ଆରବ, କୁଏତ୍ ଏବଂ ୟୁଏଇରୁ ଅଶୋଧିତ ତୈଳ ଆମଦାନି ଏହି ରାସ୍ତା ଦେଇ ହୋଇଥାଏ ଓ ଭାରତ ପ୍ରାୟ ୪୫ରୁ ୫୦% ଅଶୋଧିତ ତୈଳ ଏସବୁ ଦେଶରୁ ଆମଦାନି କରିଥାଏ । ଏଭଳି କ୍ଷେତ୍ରରେ ଯୁଦ୍ଧ ବଢ଼ିବା ଦ୍ୱାରା ଭାରତ ବଡ଼ ମାତ୍ରାରେ ପ୍ରଭାବିତ ହେବ। ଜୁନ୍ ୧୩ରେ ଇସ୍ରାଏଲ୍ ଇରାନ୍‌ର ସୈନ୍ୟ ଏବଂ ତୈଳ ଉତ୍ତୋଳନ ସ୍ଥଳଗୁଡ଼ିକ ଉପରେ ହମ୍‌ଲା କରିବା ପରେ ସଂଘର୍ଷ ଆରମ୍ଭ ହୋଇଥିଲା । ଏହା ପରଠାରୁ ହିଁ ତୈଳ ଦର ଦ୍ରୁତ ବେଗରେ ବଢ଼ିଚାଲିଛି । ବ୍ୟାରେଲ ପିଛା ୬୪ରୁ ୬୫ ଡଲାରରୁ ବର୍ତ୍ତମାନ ଏହା ୭୪ରୁ ୭୫ ଡଲାର ହୋଇଗଲାଣି, ଯାହାକି ଯୋଗାଣ ପ୍ରଭାବିତ ହୋଇଥିବା ଦର୍ଶାଉଛି । ଇକ୍ରା ଅନୁମାନ କରିଛି ଯେ, ଯଦି ଅଶୋଧିତ ତୈଳ ଦରରେ ବ୍ୟାରେଲ ପିଛା ୧୦ ଡଲାର ବୃଦ୍ଧି ଘଟେ, ତେବେ ଭାରତର ତୈଳ ଆମଦାନି ବିଲ୍ ଏକ ଆର୍ଥିକବର୍ଷରେ ୧୩ରୁ ୧୪ ବିଲିୟନ ଡଲାର ବା ୧.୨୧ ଲକ୍ଷ କୋଟି ଟଙ୍କା ବଢ଼ିଯିବ। ଏହାଦ୍ୱାରା ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ଜିଡିପିର ୦.୩% ପର୍ଯ୍ୟନ୍ତ ବଢ଼ିପାରେ ।

ଏଜେନ୍ସି ପ୍ରକାଶ କରିଛି ଯେ, ଯୁଦ୍ଧରେ ନିରନ୍ତର ବୃଦ୍ଧି ଦ୍ୱାରା ଅଶୋଧିତ ତୈଳ ଦର ଦ୍ରୁତ ବେଗରେ ବୃଦ୍ଧି ପାଇବ । ଏହା ଭାରତର ସିଏଡିକୁ ଚାପଗ୍ରସ୍ତ କରିପାରେ । ଇକ୍ରା ଅନୁମାନ କରିଛି ଯେ, ୨୦୨୫-୨୬ ଆର୍ଥିକବର୍ଷରେ ବ୍ୟାରେଲ ପିଛା ତୈଳ ଦର ହାରାହାରି ୭୦ରୁ ୮୦ ଡଲାର ମଧ୍ୟରେ ରହିପାରେ। ତୈଳଦର ଉଚ୍ଚ ରହିବା ଦ୍ୱାରା ଅପଷ୍ଟ୍ରିମ୍ ତୈଳ କମ୍ପାନିଗୁଡ଼ିକ ଲାଭ ପାଇବେ କିନ୍ତୁ ଡାଉନ୍‌ଷ୍ଟ୍ରିମ୍ କମ୍ପାନିଗୁଡ଼ିକର ଚିତ୍ର ଅଧିକ ଜଟିଳ ହେବ ଏବଂ ସେମାନଙ୍କ ଲାଭ ପ୍ରଭାବିତ ହୋଇପାରେ । ବିଶ୍ୱ ତେଲ ଯୋଗାଣରେ ପ୍ରମୁଖ ରୁଟ୍ ଭାବେ ପରିଗଣିତ ୩୩ କିମି ବିଶିଷ୍ଟ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ଯାଉଥିବା ଦୈନିକ ୨୦ ନିୟୁତ ବ୍ୟାରେଲ(ଏମ୍‌ବିଡି) ତେଲର ୮୦%ରୁ ଅଧିକ ଭାଗ ଏସିଆ ବ୍ୟବହାର କରିଥାଏ, ଯେଉଁଥିରେ ଭାରତ, ଚୀନ୍, ଜାପାନ ଏବଂ ଦକ୍ଷିଣ କୋରିଆର ଭାଗ ୬୫% । ଇରାନ୍‌ରେ ତୈଳ ବିଶୋଧନାଗାର, ଭଣ୍ଡାରଣ କେନ୍ଦ୍ର ଏବଂ ଉର୍ଜା ପରିସମ୍ପତ୍ତିଗୁଡ଼ିକରେ ଇସ୍ରାଏଲ୍ ହମ୍‌ଲା କରିଛି । ଇରାନ୍ ପ୍ରାୟ ୩.୩ ଏମ୍‌ବିଡି ଅଶୋଧିତ ତୈଳ ଉତ୍ପାଦନ କରିଥାଏ, ଯେଉଁଥିରୁ ୧.୮ରୁ୨.୦ ଏମ୍‌ବିଡି ରପ୍ତାନି ହୋଇଥାଏ । ତୈଳ ଯୋଗାଣରେ କୌଣସି ପ୍ରକାର ବାଧା ବିଶ୍ୱ ଯୋଗାଣ ଅସନ୍ତୁଳନକୁ ଆହୁରି ଗଭୀର କରିବ ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ଅତିଧନୀ ଜନସଂଖ୍ୟାରେ ଜାପାନ

୨୦୨୩ ଏବଂ ୨୦୨୮ ମଧ୍ୟରେ ଭାରତରେ ଅତିଧନୀ ବା ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ(ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କ ସଂଖ୍ୟା ୫୦% ବଢ଼ିବ । ଏହା ସମଗ୍ର ବିଶ୍ୱରେ ହେବ ଦ୍ରୁତ ଅଭିବୃଦ୍ଧି । ମ୍ୟାକ୍‌କିନ୍‌ସେ ଆଣ୍ଡ୍ କମ୍ପାନି ଏବଂ ବିଓଏଫ୍ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଏହି ଅନୁମାନ କରାଯାଇଛି । ୩ କୋଟି ଡଲାର ବା ତଦୁର୍ଦ୍ଧ ନେଟ୍ ସମ୍ପତ୍ତି ଥିବା ବ୍ୟକ୍ତିଙ୍କୁ ଅତିଧନୀ କୁହାଯାଇଥାଏ । ୨୦୨୩ ସୁଦ୍ଧା ଭାରତରେ ଏହି ବର୍ଗଙ୍କ ସଂଖ୍ୟା ଥିଲା ୧୩,୨୬୩ । ୨୦୨୨ ତୁଳନାରେ ଏଥିରେ ୬.୧% ବୃଦ୍ଧି ଘଟିଥିଲା । ଦ ଷ୍ଟେଟ୍ ଅଫ୍ ଫ୍ୟାଶନ୍ ଲକ୍‌ଜ୍ୟୁରୀ ରିପୋର୍ଟ ଅନୁସାରେ, ଜନସଂଖ୍ୟା ଏବଂ ସଂରଚନାତ୍ମକ ପରିବର୍ତ୍ତନଗୁଡ଼ିକ ଦ୍ୱାରା ୨୦୨୫ରେ ଭାରତୀୟ ଲକ୍‌ଜ୍ୟୁରୀ ବଜାରରେ ୧୫ରୁ ୨୦% ଅଭିବୃଦ୍ଧି ଅନୁମାନ ରହିଛି । ଏହା ମୁତାବକ ଜିଓ ୱାର୍ଲଡ ପ୍ଲାଜା ଏବଂ ଗ୍ୟାଲେରିଜ୍ ଲାଫାୟେଟ୍ ଭଳି ନୂଆ ଲକ୍‌ଜ୍ୟୁରୀ ମଲ୍ ଏବଂ ଡିପାର୍ଟମେଣ୍ଟାଲ ଷ୍ଟୋର ଟିୟର ୱାନ୍ ସହରରେ ଲକ୍‌ଜ୍ୟୁରୀ ରିୟଲ୍ ଇଷ୍ଟେଟ୍‌କୁ ବଢ଼ାଉଛି । ଏଥିରେ ଆହୁରି କୁହାଯାଇଛି ଯେ, ଯଦିଓ ବିଳାସ ସାମଗ୍ରୀରେ ୨୮% ସାମଗ୍ରୀ ଏବଂ ସେବା ଟିକସ ବା ଜିଏସ୍‌ଟି ରହିଛି ତଥାପି ୭,୦୦,୦୦୦ ଟଙ୍କା ବା ୮,୪୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ଆମଦାନି ସାମଗ୍ରୀଗୁଡ଼ିକ ଉପରେ ବର୍ଦ୍ଧିତ ଟିକସ ଦ୍ୱାରା ଘରୋଇ ବ୍ୟୟ ବଢିବ। ଏହା ଲକ୍‌ଜ୍ୟୁରୀ ବଜାରକୁ ତ୍ୱରାନ୍ୱିତ କରିବ ।

ରିପୋର୍ଟ ମୁତାବକ, ଭାରତ ତୁଳନାରେ ଜାପାନର ଲକ୍‌ଜ୍ୟୁରୀ ବଜାରରେ ୨୦୨୫ରେ ୬ରୁ ୧୦% ଅଭିବୃଦ୍ଧି ଦେଖାଦେବ । ଏଥିସହିତ ଏକ ପ୍ରମୁଖ ଲକ୍‌ଜ୍ୟୁରୀ ବଜାର ଭାବେ ଜାପାନ ଏହାର ସ୍ଥାନ ବଜାୟ ରଖିବ । ଜାପାନର ଲକ୍‌ଜ୍ୟୁରୀ ବଜାରରେ ବୃଦ୍ଧି ଘରୋଇ ଚାହିଦା ଏବଂ ପର୍ଯ୍ୟଟନ ଖର୍ଚ୍ଚ ଉଭୟ ଦ୍ୱାରା ପ୍ରେରିତ ହେବ । ନିକଟରେ ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ ଘୋଷଣା କରିଥିଲେ ଯେ, ଭାରତ ଜାପାନଠାରୁ ପାର ହୋଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା ପାଲଟିଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ତଥ୍ୟକୁ ଦର୍ଶାଇ ସେ କହିଥିଲେ ଯେ, ଭାରତର ଅର୍ଥବ୍ୟବସ୍ଥା ୪ ଟ୍ରିଲିୟନ ଡଲାରରେ ପହଞ୍ଚିଯାଇଛି । ରିପୋର୍ଟ ଅନୁସାରେ, ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ବା ଅତିଧନୀ ଜନସଂଖ୍ୟାରେ ଜାପାନ ଏସିଆର ଦ୍ୱିତୀୟ ବୃହତ୍ ରାଷ୍ଟ୍ର । ୨୦୨୩ରୁ ୨୦୨୮ ମଧ୍ୟରେ ଏଠାରେ ଅତିଧନୀଙ୍କ ସଂଖ୍ୟା ୧୨% ବଢ଼ିବା ନେଇ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ, ଭାରତରେ ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ଅଭିବୃଦ୍ଧି ଜାପାନଠାରୁ ଅଧିକ ରହିବ । ଆଇଏମ୍‌ଏଫ୍‌ର ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟ ରିପୋର୍ଟର ଏପ୍ରିଲ ସଂସ୍କରଣରେ କୁହାଯାଇଥିଲା ଯେ, ଆର୍ଥିକବର୍ଷ ୨୦୨୫-୨୬ ପାଇଁ ଭାରତର ନୋମିନାଲ ଜିଡିପି ପ୍ରାୟ ୪.୧୮୭ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିପାରେ । ଏହା ଜାପାନର ସମ୍ଭାବ୍ୟ ଜିଡିପିଠାରୁ ସାମାନ୍ୟ ଅଧିକ, ଯାହାର ଅନୁମାନ ରହିଛି ୪.୧୮୬ ଟ୍ରିଲିୟନ ଡଲାର ।

ରିପୋର୍ଟରେ କୁହାଯାଇଛି ଯେ, ଗତ ୫ ବର୍ଷରେ ଲକ୍‌ଜ୍ୟୁରୀ ଶିଳ୍ପ ଅସାଧାରଣ ମୂଲ୍ୟସୃଜନ ଅବଧିକୁ ଅନୁଭବ କରିଛି । ୨୦୧୯ ଏବଂ ୨୦୨୩ ମଧ୍ୟରେ ଭାରତରେ ବ୍ୟକ୍ତିଗତ ଲକ୍‌ଜ୍ୟୁରୀ ସାମଗ୍ରୀ, ଫ୍ୟାଶନ୍, ହ୍ୟାଣ୍ଡବ୍ୟାଗ୍, ହାତଘଡ଼ି ଏବଂ ଆଭୁଷଣର ବୃହତ୍ ଚାହିଦା ଦେଖିବାକୁ ମିଳିଛି । ଚାହିଦା ଅନୁସାରେ ଯୋଗାଣ ବୃଦ୍ଧି ସହିତ ଏହା ଆଗକୁ ବାର୍ଷିକ ୫% ଚକ୍ରବୃଦ୍ଧି ଅଭିବୃଦ୍ଧି ସହ ବଢ଼ିବ ବୋଲି ଅନୁମାନ କରାଯାଇଛି । ଲକ୍‌ଜ୍ୟୁରୀ ବ୍ରାଣ୍ଡଗୁଡ଼ିକ ବିଶ୍ୱ ବଜାରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି ଏବଂ ବୃହତ୍ ମାତ୍ରାରେ ଲାଭ ଯୋଡ଼ିଛନ୍ତି । କିନ୍ତୁ ୨୦୨୫ରେ ଏଯାବତ୍ ଶିଳ୍ପ ସାମାନ୍ୟ ଧୀମା ରହିଛି । ଶୀର୍ଷ ବ୍ରାଣ୍ଡଗୁଡ଼ିକ ବି ପ୍ରଭାବିତ ହୋଇଛନ୍ତି । ଲକ୍‌ଜ୍ୟୁରୀ ମୂଲ୍ୟ ସୃଜନ କମିଛି । ଏହାସତ୍ତ୍ୱେ ଆଗକୁ ଲକ୍‌ଜ୍ୟୁରୀ ବଜାରରେ ବଡ଼ ଧରଣର ପରିବର୍ତ୍ତନ ଆସିବ ବୋଲି ଅନୁମାନ କରାଯାଇଛି ।

# ଶ୍ରୀକ୍ଷେତ୍ର ରଥଯାତ୍ରାର ଶ୍ରେଷ୍ଠ ବାର୍ତ୍ତା

ଅବନୀ ଚନ୍ଦ୍ର ଦାସ
ସମ୍ପାଦକ,
ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ,
ପ୍ରଶାନ୍ତି ବିହାର,
ଭୁବନେଶ୍ୱର -୨୪

ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସାରା ଜଗତରେ ଖ୍ୟାତ। ପୁଣି ଶ୍ରୀ ଜଗନ୍ନାଥ ଧାମ ବିଶ୍ୱ ବିଦିତ ତୀର୍ଥ କ୍ଷେତ୍ର ଚତୁର୍ଦ୍ଧାମ ମଧ୍ୟରୁ ସର୍ବ ଶ୍ରେଷ୍ଠ ଧାମ ବୋଲି ବିବେଚିତ । ଏହାର କାରଣ ଯଦିଓ ସମସ୍ତେ ଜାଣନ୍ତି, ବିଭିନ୍ନ ଶାସ୍ତ୍ର ପୁରାଣ ଅଥବା ଧର୍ମଗ୍ରନ୍ଥରେ ପ୍ରାମାଣିକ ତଥ୍ୟ ସହିତ ବର୍ଣ୍ଣିତ ହୋଇଛି, ତଥାପି ଏହାକୁ କେହି ହେଜି ପାରୁନଥିବା ବିଡମ୍ବନା ବୋଲି କୁହାଯାଇପାରେ । ଏଠାକାର ଦିଅଁଙ୍କୁ ବଡ଼ ଠାକୁର, ମନ୍ଦିରକୁ ବଡ ଦେଉଳ, ମନ୍ଦିର ସମ୍ମୁଖ ରାସ୍ତାକୁ ବଡଦାଣ୍ଡ, ଭୋଗ / ପ୍ରସାଦକୁ ମହାପ୍ରସାଦ, ଦିଅଁଙ୍କୁ ଭୋଗ ଲଗାଉଥିବା ପୂଜକଙ୍କୁ ବଡପଣ୍ଡା ଏବଂ ଦିଅଁଙ୍କ ଶ୍ରେଷ୍ଠ ବେଶ ବିନ୍ୟାସକୁ ବଡସିଂହାର ବେଶ ପ୍ରଭୃତି ନାମରେ ଆଖ୍ୟାୟିତ କରାଯାଇଛି। ପୁଣି, ଏହି ବଡଦେଉଳର ବଡ଼ ଠାକୁରଙ୍କ ସେବା ପୂଜାରେ ନିୟୋଜିତ ବଂଶାନୁକ୍ରମିକ ପ୍ରଥମ ସେବକ ଙ୍କୁ ଠାକୁର ରାଜା କୁହଯାଉଥିବା ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଏଠାରେ ପରମ୍ପରା କ୍ରମେ ବାର ମାସରେ ତେର ପର୍ବ ପାଳିତ ହେଉଥିବା ଦୃଷ୍ଟି କୋଣରୁ ବିଚାର କଲେ ଏଠାକାର ପର୍ବପର୍ବାଣୀ, ଯାନିଯାତ୍ରାରେ ପ୍ରଚଳିତ ନିତିକାନ୍ତି ପ୍ରାୟତଃ ନିଆରା । ଏମିତିକି ପ୍ରତ୍ୟହ ବଡ଼ ଦେଉଳରେ ଶ୍ରୀ ଜୀୟୁ ମାନଙ୍କ ସେବା ପୂଜାର ରୀତିନୀତି, ଭୋଗରାଗ, ବେଶଭୂଷା ତଥା ପୂଜା ପଦ୍ଧତି ଅନ୍ୟ ସମସ୍ତ ମନ୍ଦିରରେ ଉପାସିତ ଦେବଦେବୀଙ୍କ ଠାରୁ ଭିନ୍ନ ଓ ସ୍ୱତନ୍ତ୍ର।

ଆଧାତ୍ମିକ ଦୃଷ୍ଟିରୁ ଯେଉଁ ମତବାଦ ଭିତ୍ତିରେ ଶ୍ରୀକ୍ଷେତ୍ର ପୁରୀ ବା ଶ୍ରୀ ଜଗନ୍ନାଥ ଧାମର ମହିମା ଯାହା ହୋଇଥାଉନା କାହିଁକି, ଲୌକିକତା ମତେ ଏହି ବଡ଼ ଦେଉଳରେ ଅଧିଷ୍ଠିତ ଦେବତା ବିଶ୍ୱବ୍ୟାପୀ ଏକ ମହାନ୍ ସଂସ୍କୃତିର ମୂଳାଧାର ଭାବେ ପରିଗଣିତ, ଏକଥା ସମସ୍ତେ ସ୍ୱୀକାର କରନ୍ତି । କେବଳ ନିତିପ୍ରତି ଦିଅଁ ଙ୍କ ସେବାପୂଜା ନୀତି ନିର୍ଘଣ୍ଟରେ ନୁହେଁ, ବରଂ ବିଭିନ୍ନ ସମୟରେ ଯାନିଯାତ୍ରା ମାଧ୍ୟମରେ ମାନବ ସମାଜକୁ ସାର୍ଥକ ଜୀବନର ଉପଲବ୍ଧି ଦେବାପାଇଁ ଅନେକ ପରମ୍ପରା ପ୍ରଚଳିତ ହୋଇ ଆସୁଛି ।

ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମରେ ଅନୁଷ୍ଠିତ ପବିତ୍ର ରଥଯାତ୍ରାର ମହାନ୍ ସଂସ୍କୃତି ବିଶେଷ ବାର୍ତ୍ତା ବହନ କରୁଥିବା ବିଷୟ ଏହି ଆଲୋଚନାର ପ୍ରସଙ୍ଗ ହୋଇପାରେ । ଏଥିରେ ନିହିତ ଆଧାତ୍ମିକ ତତ୍ତ୍ୱର ନିଗୂଢ଼ ରହସ୍ୟ ଉପରେ ଅନେକ ସାଧୁ, ସନ୍ଥ, ବିଦ୍ୱାନ, ପଣ୍ଡିତ ଏବଂ ଧର୍ମଯାଜକ ମାନେ ବହୁ ଭାବରେ ଆଲୋଚନା ସମୀକ୍ଷା ପୂର୍ବକ ବିବରଣୀ ପ୍ରଦାନ କରିଥାନ୍ତି । ତେବେ ଲୌକିକ ବିଚାରରେ ମଧ ଅନେକ ମହତ୍ତର ସନ୍ଦେଶ ଦେଇ ଆସୁଛି ଶ୍ରୀକ୍ଷେତ୍ରର ଏହି ପବିତ୍ର ରଥଯାତ୍ରା। ବଡ ଦେଉଳରେ ସ୍ନାନ ଯାତ୍ରାଠାରୁ, ଅନବସର, ନବଯୌବନ, ନବଦିନ ଘୋଷଯାତ୍ରା କିମ୍ବା ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ା ଯାତ୍ରା, ଅଧର ପଣା, ସୁନାବେଶ ଏବଂ ନିଳାଦ୍ରୀ ବିଜେ ଆଦି ସମସ୍ତ ପାରଂପରିକ ନୀତିକାନ୍ତି ଲୌକିକ ଆଚାର ଉପଚାରରେ ସମ୍ପାଦିତ ହେଲାବେଳେ ତତ୍ ନିହିତ ବାର୍ତ୍ତା ମାନବ ସମାଜ ର ସୁବିଚାର ତଥା ମାର୍ଗ ଦର୍ଶନ ନିମନ୍ତେ ଉଦ୍ଦିଷ୍ଟ, ଏଥିରେ ସନ୍ଦେହ ନାହିଁ । ଆମ ଜଗନ୍ନାଥ ସଂସ୍କୃତିର ମହାନତା ସମ୍ପର୍କରେ ବ୍ୟାଖ୍ୟା କରିବା ଏଇ ଲେଖକର ଉଦ୍ଦେଶ୍ୟ ନୁହେଁ, ବରଂ ପ୍ରତ୍ୟେକ ସଂସ୍କୃତି ପ୍ରେମୀ ପାଠକଙ୍କୁ ପୁନଃ ସ୍ମରଣ କରାଉଥିବା ଏହି ସୁବର୍ତ୍ତାର ସଦୁପଯୋଗ ସହିତ ମାନବ ଜୀବନରେ ପ୍ରତିଫଳିତ ହେବା ବାଞ୍ଛନୀୟ ।

ଲୋକାଚାରରେ ଉପାସିତ ଏହି ବଡ ଦିଅଁଙ୍କ ମାନବୀୟ ଲୀଳା ବାସ୍ତବିକ୍ ବିରଳ । ଯେମିତିକି, ମନୁଷ୍ୟ କୂଅ ପାଣିରେ ନିତ୍ୟ ସ୍ନାନ କରିଥାଏ, ସେମିତି ଏହି ଠାକୁରଙ୍କୁ ଶ୍ରୀମନ୍ଦିର ସ୍ଥିତ ସୁନାକୂଅରୁ ୧୦୮ ଗରା ଜଳ ଆଣି ସ୍ନାନବେଦୀରେ ସ୍ନାନ ବିଧି କରାଯାଏ । ଋତୁ ପରିବର୍ତ୍ତନ ସମୟରେ ମନୁଷ୍ୟ ଶରୀର ରୋଗଗ୍ରସ୍ତ ହେଲାପରି ଦିଅଁ ମଧ ରୋଗରେ ପୀଡ଼ିତ ହୁଅନ୍ତି । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ କଥାଟି ହେଲା ଯେ, ଦିଅଁ ପୀଡ଼ିତ ହୋଇ ଆଉ ସର୍ବ ସମକ୍ଷରେ ସେବିତ ପୂଜିତ ହୁଅନ୍ତି ନାହିଁ। ବରଂ ରୁଦ୍ଧ କୋଠରୀରେ ସଙ୍ଗରୋଧ ଉପଚାରରେ ରହି ଚିକିତ୍ସିତ ହେବାର ପ୍ରକ୍ରିୟା ମାନବ ଜାତିକୁ ରୋଗ ସଂକ୍ରମଣ ନହେବାର ପଦ୍ଧତି ଅବଲମ୍ବନ କରିବାର ଶିକ୍ଷା ଦେଇ ଆସୁଛି । ଯେମିତିକି, କରୋନା (ଥଣ୍ଡା ଜ୍ୱର, ଶର୍ଦ୍ଦି, କାଶ, ଛିଙ୍କ) ଆଦି ମହାମାରୀ ସଂକ୍ରମଣ ସମୟରେ କଟକଣା ସ୍ୱରୂପ ପୀଡ଼ିତକୁ ସଂଗରୋଧ କରି ରଖିବା ଅନିର୍ବାର୍ଯ୍ୟ ଥିଲା । ଏହି ସମୟରେ ଖାଦ୍ୟପେୟ ସମ୍ପର୍କିତ କଟକଣା ମଧ ତଦୋପରି । ଅବଢ଼ା ମହାପ୍ରସାଦ ଯଦିଓ ବହୁଜନ ମେଳରେ ଏକତ୍ର ସେବନ କରିବାର ବିଧି ପରମ୍ପରା କ୍ରମେ ଚଳି ଆସିଛି (ଯାହା ଭାଇଚାରା ଅଥବା ବସୁଧୈବ କୁଟୁମ୍ବକମ୍‌ର ସୂଚନା ଦିଏ), କିନ୍ତୁ ବଡ଼ ଦିଅଁଙ୍କ ପୀଡ଼ିତ ଅବସ୍ଥାରେ ଅବଢ଼ା ମହାପ୍ରସାଦ ଉପଲବ୍ଧ ହୁଏନାହିଁ। ଏହି ସମୟରେ ଏକତ୍ର ଭୋଜନ ନିଷିଦ୍ଧ ଥାଏ । ଏହି ସବୁ ପ୍ରଚଳିତ କଟକଣା ବିଧି ମାନବ ସମାଜକୁ ସୁସ୍ଥ ଜୀବନର ସନ୍ଦେଶ ଦେଉ ନାହିଁ କି ?

ଆଉ ମଧ ରଥଯାତ୍ରାର ରହସ୍ୟ ମାନବୀୟ ଲୀଳାର ସ୍ୱଚ୍ଛ ଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ପୂର୍ବରୁ ମଣିଷ ଯୌଥ ପରିବାରରେ ବାସ କରୁଥିଲା । ଜନ୍ମସ୍ଥାନ ସହିତ ସମ୍ପର୍କିତ ହେବା ଏବଂ ପରିବାରଜନଙ୍କ ସହିତ ମିଳିତ ଭାବେ ଜୀବନ ନିର୍ବାହ କରିବାକୁ ପସନ୍ଦ କରୁଥିଲା । ତାହା ଏହି ଶ୍ରୀକ୍ଷେତ୍ର ରଥଯାତ୍ରାରୁ ସ୍ପଷ୍ଟ ପ୍ରମାଣିତ । ସହୋଦର ଭାଇ ଭଉଣୀଙ୍କୁ ସାଥିରେ ନେଇ କର୍ମସ୍ଥଳରୁ ନିଜ ଜନ୍ମସ୍ଥଳକୁ ଯାତ୍ରା କରିବା, ଆତ୍ମୀୟ ସ୍ୱଜନ (ମାଆର ଅନୁରୂପ ମାଉସୀ) ଘରେ ମିଳିତ ହେବା ଏବଂ ମନ ପସନ୍ଦର ଭୋଜନ ତଥା ଆତିଥ୍ୟ ଗ୍ରହଣ କରିବାର ପରମ୍ପରା ରଥଯାତ୍ରା ସହିତ ଜଡିତ । ଏଥିରୁ ମାନବ ଜୀବନର ମହର୍ଘ ଗୁଣବତ୍ତାର ବାର୍ତ୍ତା ପ୍ରସାରିତ ହୋଇଛି । ଜନ୍ମମାଟି ପ୍ରତି ଆକର୍ଷଣ, ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନଙ୍କ ପ୍ରତି ଆତ୍ମୀୟତା ଏହାର ବିଶେଷତ୍ୱ । ସର୍ବ କାଳରେ ଭଉଣୀର ସୁରକ୍ଷା ଭାଇ ହାତରେ ବୋଲି ମଧ ଏଥିରେ ସନ୍ଦେଶ ଦିଆଯାଇଛି । ଯାତ୍ରା ଭ୍ରମଣରେ ଯାଉଥିବା ଭାଇ ମାର୍ଗରେ ଭଉଣୀର ସୁରକ୍ଷା ନିମନ୍ତେ ଆୟୁଧ (ସୁଦର୍ଶନ ଚକ୍ର)ଙ୍କୁ ସାଥିରେ ନେବା ମଧ ଆଉ ଏକ ବିଶେଷ ବାର୍ତ୍ତାର ଜ୍ୱଳନ୍ତ ନମୁନା। ରଥ ଯାତ୍ରାର ରହଣି ମଧ୍ୟରେ ଜନ୍ମ ବେଦୀରେ ବଡ଼ ଦିଅଁ ଅବସ୍ଥାନ କାଳରେ ପତ୍ନୀ (ମହାଲକ୍ଷ୍ମୀ)ଙ୍କ ଅଭିମାନ ହେବା ସ୍ୱାଭାବିକ । ଲୋକାଚାରରେ କୁଳବଧୂ ଘରୁ ବାହାରକୁ ଯିବା ସମୟରେ ଗୃହକର୍ତ୍ତା/କର୍ତ୍ତ୍ରୀଙ୍କ ଅନୁମତି ନେଇ ସ୍ୱାମୀଙ୍କ ଅନୁଗାମୀ ହେବା ଏବଂ ପୁଣି ଅତ୍ୟନ୍ତ ସମ୍ଭ୍ରମତା ସହକାରେ ଗମନ ଓ ସ୍ୱକୀୟ ଅଭିମାନ ବ୍ୟକ୍ତ କରିବାର ସନ୍ତକ ଛାଡ଼ି ଆସିବା ଗୋଟିଏ ଗୋଟିଏ ଶିକ୍ଷଣୀୟ ସନ୍ଦେଶ । ସମଗ୍ର ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ସାଂସାରିକ ଲୀଳା ରଚନା କରି ମାନବକୁ ଶୃଙ୍ଖଳିତ କରାଇବାକୁ ଚାହାନ୍ତି । ଅଭିମାନ ଓ କ୍ରୋଧ ଜର୍ଜରିତ ନିଜ ପତ୍ନୀଙ୍କୁ ସନ୍ତୁଷ୍ଟି ଦେବା ପାଇଁ ସହସା ପ୍ରତ୍ୟାବର୍ତ୍ତନ ପ୍ରୟାସ କରନ୍ତି । ରଥ ଦକ୍ଷିଣ ମୋଡ଼ ନେଇ ଫେରିବା ପାଇଁ ପ୍ରସ୍ତୁତ ହୋଇଯାଏ ।

ଆଉମଧ ରଥ ଯାତ୍ରାରେ, ବାହୁଡ଼ା ଯାତ୍ରାରେ ଭକ୍ତଜନଙ୍କୁ ଏକତ୍ର କରନ୍ତି ମହାପ୍ରଭୁ । ଏକାକାର ହୋଇଯିବାକୁ ଆହ୍ୱାନ ଦିଅନ୍ତି । ସର୍ବ ଧର୍ମଂ ପରିତ୍ୟେଜ୍ୟ ମାମେକଂ ଶରଣଂ ବ୍ରଜଃ। ଅର୍ଥାତ୍ – ସବୁ ଧର୍ମ ଛାଡ଼ି ମୋତେ ହିଁ କେବଳ ଅନୁସରଣ କର । ମୁଁ ଯେପରି ଧର୍ମ ପାଳନ କରୁଛି, ସେପରି ସାଂସାରିକ ଜୀବନ ନିର୍ବାହ କର। ପତ୍ନୀଙ୍କ ମାନ ଭଞ୍ଜନ ପାଇଁ ରସଗୋଲା ମିଠା ଖୁଆଇବା ମଧ ମହାପ୍ରଭୁଙ୍କ ଏକ ମାନବୀୟ ଲୀଳା । ସୁଖୀ ଦାମ୍ପତ୍ୟ ଜୀବନର ପରିପ୍ରକାଶ । ପୁନଃ ପ୍ରତ୍ୟାବର୍ତ୍ତନ କରି ସ୍ୱସ୍ଥାନ ନିଳାଦ୍ରୀ ବିଜେ କରି ପାରିବାରିକ ମେଳରେ ଭାଇ,ଭଉଣୀ, ପତ୍ନୀ ତଥା ଅନ୍ୟ ଆତ୍ମୀୟ ମାନଙ୍କ ସହ ସହାବସ୍ଥାନର ବାର୍ତ୍ତା ବହନ କରି ମାନବ ସମାଜକୁ ଶ୍ରେଷ୍ଠ ସାଂସାରିକ ଧର୍ମ ପାଳନ କରିବାକୁ ଶିକ୍ଷା ଦିଏ ଶ୍ରୀକ୍ଷେତ୍ରର ଏହି ରଥଯାତ୍ରା। ଆସନ୍ତୁ, ଆମେ ଏହି ବାର୍ତ୍ତାକୁ ଆମ ଧର୍ମଗ୍ରନ୍ଥରେ ଅବା ଧାରା ବିବରଣୀରେ ସୀମିତ ନରଖି ଆମ ଦୈନନ୍ଦିନ ଜୀବନରେ ଅନୁପାଳନ କରିବାପାଇଁ ଉଦ୍ୟମ କରିବା ।

# ବାଇଶି ପାହାଚ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଦାରୁ ଦେବତା ଶ୍ରୀଜଗନ୍ନାଥ ଚାରି ଦିଗରେ ଚାରି ଧାମ ମଧ୍ୟରେ ଶ୍ରେଷ୍ଠ । ବିଶ୍ୱର ପ୍ରାଚୀନ ଦେବତା ରୂପେ ପରଂବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥ ମହାପ୍ରଭୁ ସର୍ବଜନବିଦିତ । ତେଣୁ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ, ଜୈନ, ଆର୍ଯ୍ୟ, ଅନାର୍ଯ୍ୟ, ଦ୍ରାବିଡ ଆଦି ବିଭିନ୍ନ ସମାଜ ଓ ଧର୍ମାବଲମ୍ବୀ ମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଆରାଧ ସର୍ବ ବ୍ରହ୍ମମୟକର୍ତ୍ତା ରୂପେ ସ୍ୱୀକାର କରି ଆସିଛନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ତତ୍ତ୍ୱମୟ, ରହସ୍ୟମୟ ଓ ବୈଚିତ୍ର୍ୟମୟ ଦେବତା । ଶ୍ରୀକ୍ଷେତ୍ରରେ ତାଙ୍କର ଲୀଳା ଅତି ବିଚିତ୍ର । ତାଙ୍କର ବାଇଶି ପାହାଚ ଅଗମ୍ୟ ତତ୍ତ୍ୱମୟ । ଶ୍ରୀମନ୍ଦିରକୁ ଯିବାକୁ ହେଲେ ବାଇଶି ପାହାଚ ଅତିକ୍ରମ କରିବାକୁ ହୁଏ । ବାଇଶି ପାହାଚ ଶ୍ରୀଜଗନ୍ନାଥ ଚେତନାର ଅତି ରହସ୍ୟମୟ, ବାଇଶି ପାହାଚ ଲୋକ ସାଧାରଣରେ ପରିଚିତ ହେଉଥିଲେ ମଧ କେତେକ ସମୟରେ ମରାମତି ଯୋଗୁ ସଂଖ୍ୟାରେ ପ୍ରଭେଦ ଥିବାର ପରିଲକ୍ଷିତ ହୁଏ । କେତେକ କହନ୍ତି ଏହି ପାହାଚର ସଂଖ୍ୟା ୨୨, ଅନ୍ୟ କେତେକ ମତରେ ଏହାର ସଂଖ୍ୟା ୨୪,୧୭.୧୫ ଏହିପରି ବିଭିନ୍ନ ଗବେଷକ ଭିନ୍ନ ଭିନ୍ନ ମତ ରଖିଛନ୍ତି । ଏହାର ସଂଖ୍ୟା ବର୍ତ୍ତମାନ ୨୧ ରହିଛି । ଆଉ ଗୋଟିଏ ପାହାଚ ଗୋପ୍ୟ ରହିଛି । ପ୍ରତ୍ୟେକ ପାହାଚର ଓସାର ପ୍ରାୟ ୬ ଫୁଟ ଉଚ୍ଚତା ୬ ଇଞ୍ଚ, ଲମ୍ବ ପ୍ରାୟ ୭୦ ଫୁଟ । ଏହି ପାହାଚ ଉପରେ ମହାଳୟା ଅମାବାସ୍ୟା ଦିନ ଲୋକେ ଶ୍ରାଦ୍ଧ ଓ ଦୀପ ଦାନ କରନ୍ତି । ମାନସିକ ଅନୁସାରେ ଭକ୍ତମାନେ ମହାପ୍ରସାଦ ସେବା କରନ୍ତି । ପିଲାମାନଙ୍କୁ ଦୀର୍ଘଜୀବୀ କରିବା ଆଶାରେ ବାପ ମା ବାଇଶିଟିଯାକ ପାହାଚରେ ଗଡେଇ ଉପରୁ ତଳକୁ ସିଂହ ଦ୍ୱାର ପର୍ଯ୍ୟନ୍ତ ଆଣନ୍ତି । ବାଇଶି ପାହାଚ କାହାର ପ୍ରତୀକ ବିଭିନ୍ନ ଗବେଷକ ଭିନ୍ନମତ ପୋଷଣ କରନ୍ତି ଯଥା- ପଞ୍ଚମହାଭୂତ, ଦଶଇନ୍ଦ୍ରିୟ, ପଞ୍ଚତତ୍ତ୍ୱ, କ୍ଷେତ୍ର ଓ କ୍ଷେତ୍ରଜ୍ଞ ଏହି ସମସ୍ତଙ୍କର ପ୍ରତୀକ ହୋଇଚି ବାଇଶି ପାହାଚ । ସପ୍ତଲୋକ, ସପ୍ତପାତାଳ, ଅଷ୍ଟବୈକୁଣ୍ଠ ହେଉଛି ବାଇଶି ପାହାଚ । ସେହିପରି ସପ୍ତପୁରୁଷ, ଦଶ ବିଶ୍ୱଦେବ, ଓ ଚତୁସନଃ ବାଇଶି ପାହାଚର ପ୍ରତୀକ। ପଞ୍ଚମାତ୍ରା, ପଞ୍ଚମହାଭୂତ, ପଞ୍ଚଜୀବ, ପଞ୍ଚଦେବ, ଜୀବାତ୍ମା ଓ ପରମାତ୍ମା ହେଉଛି ବାଇଶି ପହାଚ । ପଞ୍ଚରସ, ଅଷ୍ଟସାତ୍ତ୍ୱିକଭାବ, ତ୍ରୀବୀଜ, ତ୍ରିଶକ୍ତି ଓ ତ୍ରିଗୁଣ ଏହି ଭାବର ସ୍ୱରୂପ ହେଉଛି ବାଇଶି ପାହାଚ । ଭାଗବତର ଦ୍ୱାଦଶ ସ୍କନ୍ଧ ଓ ଦଶତତ୍ତ୍ୱ ହେଉଛି ବାଇଶି ପାହାଚ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସପ୍ତ ପୁରୁଷ ହେଉଛି ଏକୋଇଶି ଏବଂ ଶ୍ରୀଜଗନ୍ନାଥ ଯେ କି ପରୁଷରୁ ଅତୀତ ତାହାକୁ ମିଶାଇ ହେଉଛି ବାଇଶି ପାହାଚା ଆଉ କେତେକ ମତ ଦିଅନ୍ତି ବାଇଶି ଗୋଟି ଗୁଣର ପ୍ରତୀକ, ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃର୍ତ୍ତି, ସ୍ମୃତ୍ତି, ଦୟା, ତୃପ୍ତି, ମାତୃ, ଭ୍ରାନ୍ତି, ଜ୍ଞାନ, ପ୍ରଜ୍ଞ, ଏହି ବାଇଶି ଗୁଣର ପ୍ରତୀକ ବାଇଶି ପାହାଚ । ଅଷ୍ଟାଦଶ ପୁରାଣ ଓ ଚାରିବେଦ ହେଉଛି ବାଇଶି ପାହାଚ । ଶବ୍ଦ ବା ସଙ୍ଗୀତର ବାଇଶିଟି ମୌଳିକ ରାଗର ପ୍ରତୀକ ବାଇଶି ପାହାଚ । ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚମହାଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚତତ୍ତ୍ୱ, ମନ ଓ ଅହଂକାର ହେଉଛି ବାଇଶି ପାହାଚର ପ୍ରତୀକ । ଅନ୍ୟକେତେକ ଗବେଶକ କୁହନ୍ତି ପଚିଶି ଗୋଟି ପାହାଚ ରହିଛି । ପଚିଶି ପ୍ରକୃତିର ପ୍ରତୀକ । ବାଇଶି ଗୋଟି ପରାପ୍ରକୃତି ଆଉ ତିନୋଟି ଅପରାପ୍ରକୃତି ସେଥି ପାଇଁ ତିନୋଟି ପାହାଚ ବଙ୍କା, ବାଇଶିଟି ପାହାଚ ସିଧା ଅଟେ । ମେଘନାଦ ପ୍ରାଚୀର ନିର୍ମିତ ସମୟରେ ଗୋଟିଏ ପାହାଚ ଚଟାଣ ଦ୍ୱାରା ଲୁପ୍ତ ହୋଇଯାଇଛି । ତେଣୁ ୨୧ ଟି ପାହାଚ ଦୃଶ୍ୟମାନ । ସେ ଯାହା ହେଉନା କାହିଁକି ସାଧାରଣତ ୨୨ ଗୋଟି ପାହାଚ ବୋଲି ଆମେ ଧରି ନେଇଥାଉ । ସିଂହଦ୍ୱାର ବା ପୂର୍ବଦ୍ୱାର ଦେଇ ବାଇଶି ପାହାଚ ଅତିକ୍ରମ କରି ନୃସିଂହାସନ ଉପରେ ଦାରୁ ବ୍ରହ୍ମଙ୍କୁ ଦର୍ଶନ କରିବା ଶୁଭଦାୟକ ଅଟେ । ବାଇଶି ପାବଚ୍ଛର ଦୁଇପଟରେ ଦକ୍ଷିଣ ଓ ଉତ୍ତରକୁ ଦୁଇଟି ପାଚେରୀ ଅଛି। ଉତ୍ତର ଆଡକୁ ଆନନ୍ଦ ବଜାର, ସ୍ନାନ ଦେବୀ ପ୍ରଭୃତି ଓ ଦକ୍ଷିଣ ଆଡକୁ ଚାହାଣି ମଣ୍ଡପ, ରୋଷଘର ପ୍ରଭୃତି ରହିଛି । ଶକ୍ଷେତ୍ରରେ ଆମ୍ଭମାନଙ୍କ ଅଗୋଚରରେ ବହୁ ରହସ୍ୟମୟ ସ୍ଥାନ ରହିଛି । ଏହି ପରି କେତୋଟି ବିସ୍ମୟ ଓ ରହସ୍ୟମୟ ଦ୍ରବ୍ୟ ବାଇଶି ପାହାଚରେ ରହିଛି । ତାହା ହେଲା- ପିତୃତୀର୍ଥ, ଯମଖର୍ପର, ମାଙ୍କଡା ପଥର ଓ ମୁଗୁନି ପଥର । ପତିତପାବନଙ୍କର ପଛ ପଟରେ କାଶୀ ବିଶ୍ୱନାଥଙ୍କର ତଳ ପାହାଚର ଉ ର ଦିଗରେ ଗୋଟି ସ୍ଥଳ ରହିଛି । ସେଠାରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା, ମହାଳୟା ଦିବସରେ ଦୀପ ଦାନ କରିବା ସ୍ଥାନକୁ ପିତୃ ତୀର୍ଥ କୁହାଯାଏ । ସେହିପରି ପତିତପାବନଙ୍କ ଠାରୁ ଆଗକୁ ଗଲେ ତୃତୀୟ ପାହାଚର ଠିକ୍ ମଧ ସ୍ଥଳରେ ଏକ ଲୌହ ଫଳକ ରହିଛି । ଏହି ଫଳକର ନାମ ଯମ ଖପରି । ଏହାକୁ ପତିତ ମାନେ ଅତିକ୍ରମ କରି ଯିବାର ନିଷେଧ ନାହିଁ । ଏହି ଫଳକକୁ ଗଲାବେଳେ ପାଦଦେଇ ସବୁ ପାପ ଛାଡି ଯାଆନ୍ତି । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆସିଲା ବେଳେ ଏହି ଖର୍ପର କୁ ଆଉ ଛୁଅନ୍ତି ନାହିଁ । କାରଣ ପ୍ରଭୁଙ୍କୁ ଦର୍ଶନ ପରେ ସବୁ ପାପ ତାପରୁ ମୁକ୍ତି ମିଳିଥାଏ। ବାଇଶି ପାହାଚ ଦେଇ ଆଗକୁ ଗଲେ ୧୧ ନମ୍ବର ପାହାଚର ଡାହାଣ ପଟେ ରହିଛି ଖଣ୍ଡିଏ ମାଙ୍କଡା ପଥର । ଏହି ପଥର ପଛରେ ରହିଛି ଏକ ବିସ୍ମୟକର ଐତିହ୍ୟ । ଗଙ୍ଗ ବଂଶର ରାଜା ତୃତିୟ ଭାନୁଦେବ ବାଇଶି ପାହାଚର ପୁନଃନିର୍ମାଣ କରୁଥାଆନ୍ତି । ଏହି ସମୟରେ ତାଙ୍କର ସନ୍ତାନ ସନ୍ତତି ନ ଥିବାର କଷ୍ଟ ସାଙ୍ଗକୁ ଯବନ ମାନଙ୍କ ଆକ୍ରମଣ ତାକୁ ମନସ୍ତାପକୁ ବହୁତ ବଢେଇ ଦେଉଥାଏ । ବାଇଶି ପାହାଚ ନିର୍ମାଣରେ ବାର ମ୍ବାର ତ୍ରୁଟି ହେଉଥାଏ। କେଉଁଦିନ ଗୋଟିଏ ପାହାଚର ଓସାର କମିଗଲାଣିତ କେତେବେଳେ ବଢି ଗଲାଣି, କେଉଁ ପାହାଚର ଉଚ୍ଚତା ବି ଠିକ୍ ଆସୁନଥାଏ । ଏହି ସମୟରେ ୧୧ ନମ୍ବର ପାହାଚର ଡାହାଣ ଦିଗକୁ ପାଣୀଝରଟିଏ ପଡିଲା । ସମସ୍ତ ଚେଷ୍ଟା ସତ୍ତ୍ୱେ ସେ ପାଣିଝର ବନ୍ଦ ହେଲା ନାହିଁ । ରାଜା ଅନାହାରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଧିଆ ପଡି ରହିଲେ । ରାଜାଙ୍କୁ ଶ୍ରୀଜଗନ୍ନାଥ ସ୍ୱପ୍ନରେ କହିରେ ହେ ରାଜା ତୁମେ ଯାଇଁ ଚକ୍ରତୀର୍ଥରେ ଲକ୍ଷ୍ମୀ ନୃସିଂହ କୁ ପ୍ରାର୍ଥନା କର ସେ ତୁମର ମନୋ ବା । ପୂରଣ କରିବେ ।ରାଜା ଲକ୍ଷ୍ମୀନୃସିଂହକୁ ପ୍ରାର୍ଥନା କରିବାରୁ ନୃସିଂହ ରାଜାଙ୍କୁ ଆଦେଶ ଦେଲେ ତୁମେ କାଲି ପ୍ରଭାତରେ ସମୁଦ୍ର କୂଳରେ ଯେଉଁ ଆଶ୍ଚର୍ଯ୍ୟ ଦ୍ରବ୍ୟ ଦେଖିବ, ତାକୁ ନେଇ ଝର ପଡିଥିବା ସ୍ଥାନରେ ପକାଇ ଦେଲେ ଝର ବନ୍ଦ ହୋଇଯିବ । ରାଜା ଦେଖିଲେ ସମୁଦ୍ର କୂଳରେ ପାଣି ଉପରେ ଖଣ୍ଡିଏ ମାଙ୍କଡା ପଥର ଭାସୁଥିବାର । ରାଜା ଆଶ୍ଚର୍ଯ୍ୟ ହୋଇ ଭକ୍ତି ଭାବରେ ପଥର ଟିକୁ ଆଣି ସେହି ଝର ସ୍ଥାନରେ ସ୍ଥାପନା କରିବା ମାତ୍ରେ ଝର ବନ୍ଦ ହୋଇଗଲା । ତାପରେ ରାଜାଙ୍କର ସନ୍ତାନଲାଭ ହେଲା। ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଅପୁତ୍ରିକ ମାନେ ସେହି ପଥର ଉପରେ ମହାପ୍ରସାଦ ଭକ୍ତି ଭାବରେ ଅର୍ପଣ କଲେ ସନ୍ତାନ ହୋଇଥାଏ । ଏହି ପଥରର ଲମ୍ବ ପ୍ରାୟ ଦେଢ ଚାଖଣ୍ଡ ଓ ଓସାର ପ୍ରାୟ ଚାଖଣ୍ଡେ ଏହି ମାଙ୍କଡା ପଥର ଦେବଶିଳା ଭାବରେ ପରିଚିତ । ଏହି ଆଶ୍ଚର୍ଯ୍ୟ ଘଟଣା ଠାରୁ ଲୋକ ମୁଖରେ ସ୍ୱ ଉଚାରିତ ହେଲା –

ହରି ବୋଲ ଭାଇ ଗୋବିନ୍ଦ ବୋଲ
ଭାସିଲା ପଥର ବୁଡିଲା ସୋଲ
ଭାନୁଦେବ ରାଜା କୀର୍ତ୍ତି ରଖିଲା,
ଝରଣା ପଥରେ ବନ୍ଦ କଲା
ଅପୁତ୍ରିକ ଦୋଷୁ ମୁକ୍ତ ହୋଇଲା,
ଯୁଗ ଯୁଗକୁ ଅମର ହୋଇଲା ।

୧୫ ପାହାଚର ଉତ୍ତର ଦିଗକୁ ଖଣ୍ଡିଏ ମୁଗୁନି ପଥର ଦେଖିବାକୁ ମିଳେ । ଜଣେ ସାଧୁ ନାରୀ ମାନଙ୍କ ଗହଳରେ ଯାଉଥିଲେ, ସୁଆର ପିଲାମାନେ ତାଙ୍କୁ ଦେଖି ସରା ଫିଙ୍ଗିଦେଲେ, ସେ ସରା ସାଧୁଙ୍କ ଦେହରେ ବାଜି କଳା ମୁଗୁନି ପଥରରେ ପରିଣତ ହୋଇଗଲା । ସେହି ପଥରଟି ସାଧୁଙ୍କ ସ୍ମୃତିକୁ ମନେ ପକାଇବା ପାଇଁ ଅଦ୍ୟାବଧି ଏହି ପାହାଚରେ ରହିଅଛି । ବାଇଶି ପାହାଚ ଉପରେ ଦକ୍ଷିଣ ଦିଗରେ ସିଂହ ଦ୍ୱାର ରାସ୍ତାକୁ ଲାଗି କାଶୀ ବିଶ୍ୱେଶ୍ୱରଙ୍କ ମନ୍ଦିର । ମନ୍ଦିରଟି ଅତି ଛୋଟ ଲିଙ୍ଗ ମର୍ମର ପ୍ରସ୍ତରର; ଆକାରରେ ମଧ ଛୋଟ, ପୌରାଣିକ ବିଶ୍ୱାସ ରହିଛି ଯେ ମହାଦେବଙ୍କୁ ଦର୍ଶନ ନ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ବିଷ୍ଣୁ ଦର୍ଶନର ଫଳ ମିଳେ ନାହିଁ । ବାଇଶି ପାହାଚର ବିଶ୍ୱର ନାଥ ବିଶ୍ୱନାଥ, ରତ୍ନ ସିଂହାସନରେ ଜଗତର ନାଥ ଶ୍ରୀଜଗନ୍ନାଥ ଏହା ସମସ୍ତଙ୍କୁ ବିସ୍ମୟ କର ।

# ପରିବେଶ ସୁରକ୍ଷା – ଜୀବନ ରକ୍ଷା



ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ,
ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

କୁହାଯାଏ - ସବୁଜିମା କୋଳରେ ହସଖୁସି ଖେଳେରେ । ଅର୍ଥାତ୍ ବୃକ୍ଷଲତାହିଁ ଆମକୁ ବଞ୍ଚିବାର ଖୋରାକ ଯୋଗାଏ । ସବୁଜ ପରିବେଶ ସୃଷ୍ଟି କରେ । ଏହି କଥାକୁ ଲକ୍ଷ୍ୟ ରଖି ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ "ବନମହୋତ୍ସବ" ଆମ ଦେଶରେ ପାଳିତ ହୋଇଆସୁଅଛି । ଚଳିତ ବର୍ଷ ଆମେ ପାଳୁଛେ ୭୫ତମ ବନମହୋତ୍ସବ ସପ୍ତାହ । ବନୋମହୋତ୍ସବ ପାଳନର ଉଦ୍ଦେଶ୍ୟ ହେଲା ପରିବେଶ ସନ୍ତୁଳନ ରକ୍ଷାପାଇଁ ଲୋକମାନଙ୍କୁ ଗଛଲଗାଇବା ଓ ଏହାର ଯତ୍ନ ନେବାକୁ ସଚେତନ କରାଇବା । ଅନ୍ୟ ଅର୍ଥରେ କହିଲେ ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରଦୂଷଣର ଭୟଙ୍କରତା ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ପରିବେଶ ପ୍ରଦୂଷଣ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କରାଣ ହୋଇଛି। ମଣିଷଟି-ଗଛଟିଏ ସ୍ଲୋଗାନ ମଧ୍ୟ ଦିଆଯାଉଛି । ପ୍ରତ୍ୟେକ ମଣିଷ ଗଛଟିଏ ଲଗାଇ ତାକୁ ବଞ୍ଚାଇ ରଖିବା ପାଇଁ କୁହାଯାଉଛି। ପ୍ରତିବର୍ଷ ଚାରାରୋପଣ କରାଯାଉଛି । କିନ୍ତୁ କେତେ ବଞ୍ଚୁଛି ତାହାର ହିସାବ କାହା ପାଖରେ ନାହିଁ । ଏମିତି ଆମ ପରିବେଶ ସୁରକ୍ଷା ଚିନ୍ତା ଏହି ଅବସରରେ ଜୁଲାଇ ଏକ ଠାରୁ ସାତ ତାରିଖ ପର୍ଯ୍ୟନ୍ତ ଆମ ଦେଶରେ ଆରମ୍ଭ ହେଉଛି ବନମହୋତ୍ସବ ସପ୍ତାହ। ଏଠାରେ ସୂଚନା ଯୋଗ୍ୟ ଯେ, ଉଦ୍ଭିଦ ଓ ପ୍ରାଣୀଜଗତ ଈଶ୍ୱରୀୟ ସୃଷ୍ଟି ଓ ଅନାଦି ଅଟେ। ପ୍ରାଣୀଜଗତର ସ୍ଥିତି, ବିକାଶ ଓ ବିଲୟ ଜଙ୍ଗଲର ଅବସ୍ଥିତି ଉପରେ ନିର୍ଭର କରିଥାଏ। କିନ୍ତୁ ଆଧୁନିକ ସଭ୍ୟତା ଜଙ୍ଗଲ ସମ୍ପଦ ଅବକ୍ଷୟର କାରଣ ହୋଇଛି । ଫଳସ୍ୱରୂପ, ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି ।ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ପରିଣାମ ସ୍ୱରୂପ, ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି ।

ସମ୍ପ୍ରତି ପରିବେଶ ପ୍ରଦୂଷଣ,ଅସହନୀୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ଜୀବଜଗତପାଇଁ ସତର୍କର ଘଣ୍ଟି ବଜାଇ ସାରିଲାଣି । ପରିଣାମ ସ୍ୱରୂପ, ଋତୁ ଚକ୍ରରେ ମଧ ପରିବର୍ତ୍ତନ ଘଟିଲାଣି। ଛଅ ଋତୁ ଆଜି ଦେଖା ଯାଉନି । ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି । ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ । ମଳୟ ପବନ ସାଥେ ଭାସି ଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ । ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି। କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । ଘରେ ଗରମ ତ -ବାହାରେ ଅଗ୍ନି ବର୍ଷା। । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା ।

ଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ଗତବର୍ଷ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା। ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ଚାରି ବର୍ଷ ପୂରିବାକୁ ଯାଉଛି। ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି ।

ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୁତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢିଯିବ। ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି । ଅସମ୍ଭାଳ ହୋଇଛି ଗ୍ରୀଷ୍ମ ପ୍ରବାହ ।ଜୁନ୍ ମାସ ସରିବାକୁ ବସିଲା। ଅଥଚ ମୌସୁମୀ ର ରହୁନି ଠିକଣା। ତାରିଖ ବଦଳଉଛି ମୌସୁମୀ । ଯଦିଓ ପ୍ରାକ୍ ମୌସୁମୀ ବର୍ଷା ହେଉଛି ତାହା ଯଥେଷ୍ଟ ନୁହେଁ। ଅପରପକ୍ଷରେ କାଳବୈଶାଖୀ ଯୋଗୁଁ ବଜ୍ରାଘାତ ହେଉଛି । ପରିଣାମ ସ୍ୱରୂପ ଧନଜୀବନ ହାନି ହେଉଛି । ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି । ସବୁଠୁ ଦୟନୀୟ ଅବସ୍ଥା ପଶୁପକ୍ଷୀଙ୍କର, ଅବସ୍ଥା ନକହିଲେ ଭଲ।

ପ୍ରତି ବର୍ଷ ବନମହୋତ୍ସବ ଆସିଲେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ନୂତନ ଜଙ୍ଗଲର ସୃଷ୍ଟି, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଲଣ୍ଡା ପାହାଡରେ ବୃକ୍ଷରୋପଣ,ସହରାଞ୍ଚଳରେ ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ମଣିଷଟିଏ -ଗଛଟିଏ ସ୍ଲୋଗାନ ଦିଆଯାଇଥାଏ। ନୂତନ ଚାରା ରୋପଣ କରାଯାଇ ବନମହୋତ୍ସବ ସପ୍ତାହକୁ ଧୁମ୍‌ଧାମରେ ପାଳନ କରାଯାଇଥାଏ। ଛାତ୍ରଛାତ୍ରୀ ମାନଙ୍କୁ ଠାରୁ ଆରମ୍ଭ କରି ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ଏପରିକି ବେସରକାରୀ ଓ ସରକାରୀ ସ୍ତରରେ ଏହି ସାତ ଦିନ ଧରି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଥାଏ। କିନ୍ତୁ ଲଗାଯାଇଥିବା ଚାରା ଗଛ ମଧ୍ୟରୁ ଆସନ୍ତା ବର୍ଷ ଏହି ବର୍ଷକୁ କେତେ ଚାରା ଗଛ ବଞ୍ଚିଥାଏ ତାହା ସମସ୍ତଙ୍କୁ ଜଣା। କାଗଜ କଲମରେ ସବୁ ସୀମିତ ରହିଥାଏ । ସାତ ଦିନ ଚାଲିଗଲେ ସତେ ଯେମିତି ଆମ ଦାୟିତ୍ୱ ସରିଯାଏ । ତାପରେ ଆମେ ଚୁପ୍‌ଚାପ ବସିଯାଉ ଆଉ ଗୋଟିଏ ବର୍ଷ ପର୍ଯ୍ୟନ୍ତ ।

ଏବେ ଚିନ୍ତା କରିବାର ବେଳେ ଆସିଛି । ବେଳକୁ ବେଳ ପ୍ରକୃତିର ତାଣ୍ଡବ ବଢିବାରେ ଲାଗିଛି । ଯାହାର ପରିଣାମ ପ୍ରତିବର୍ଷ ଆମେ ଭୋଗୁଛେ । ତେଣୁ ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଆମକୁ ମନେରଖିବାକୁ ହେବଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ। ଏଥିପାଇଁ ସବୁ ସ୍ତରରେ ସଚେତନତା ସୃଷ୍ଟି ହେବା ଦରକାର । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ । ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇ ତାକୁ ବଞ୍ଚାଇରଖି ବଡ ଗଛରେ ପରିଣତ କରିପାରିଲେ ତାହାହିଁ ଆମର ପ୍ରକୃତ ଲକ୍ଷ୍ୟ ପୂରଣ କରିପାରିବ । ତାହାନହେଲେ କେବଳ ବନମହୋତ୍ସବ ପାଳନ କରିଦେଲେ ସମସ୍ୟାର ସମାଧାନ ହେବନାହିଁ। ବନମହୋତ୍ସବ ପାଳନ ସପ୍ତାହ ଅବସରରେ ପ୍ରତ୍ୟେକ "ବଞ୍ଚିଲେ ବନ- ବଞ୍ଚିବେ ଜନ" କଥାଟିକୁ ଆପଣେଇ ନେଲେ ଏହାହିଁ ହେବ ବନମହୋତ୍ସବ ପାଳନର ଉପଯୁକ୍ତ ପଦକ୍ଷପ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଜୁଲାଇ ୨୦୨୫ ରବିବାର





# କାନପୁର ବୃହତ ଜଳସେଚନ ପ୍ରକଳ୍ପର ଅସ୍ଥାୟୀ ମାଟି ବନ୍ଧ ଭାଙ୍ଗିଲା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ଦୀର୍ଘଦିନ ଧରି ବର୍ଷା ଚାଲୁ ରହିଛି । ଏହା ଫଳରେ ଜିଲ୍ଲାର ବିଭନ୍ନ ନଦୀ ନାଳ ସହ ବୈତରଣୀ ନଦୀରେ ଜଳ ପ୍ରବାହ ବୃଦ୍ଧି ପାଇଛି । ଏହି ଜଳ ପ୍ରବାହ ବୃଦ୍ଧି ଯୋଗୁଁ କାନପୁର ବୃହତ ଜଳସେଚନ ବନ୍ଧରେ ପାଣି ବୃଦ୍ଧି ପାଇଛି । ଏହି ପାଣି ବଢିବା ଯୋଗୁଁ ପ୍ରକଳ୍ପର ଅସ୍ଥାୟୀ ମାଟି ବନ୍ଧ ଭାଙ୍ଗି ଡ୍ୟାମ୍ ଗେଟ୍ ଉପରେ ଚାଲୁଛି । ଏହି ପାଣି ଚାଲିବା ଯୋଗୁଁ ତଳିଆ ଅଞ୍ଚଳରେ ବନ୍ୟା ଆଶଂକା ବୃଦ୍ଧି ପାଇଛି ।

# ଡ୍ରେନେଜ୍ ବ୍ୟବସ୍ଥା ହେଉନି:ବ୍ରହ୍ମବରଦା ମୁଖ୍ୟ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଏବେ ରାଜ୍ୟରେ ମୌସୁମୀ ପ୍ରବାହ ସକ୍ରୀୟ ରହିଛି । ଫଳରେ ମଝିରେ ମଝିରେ ବର୍ଷା ଲାଗି ରହିଛି । ବର୍ଷା ହେବା ଫଳରେ ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆବଶ୍ୟକୀୟ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଏଭଳି ସମସ୍ୟା ସବୁଦିନ ଲାଗି ରହୁଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳରେ । ଏହି ଘଟଣାକୁ ନେଇ ଖବର ପ୍ରସାରିତ ହେବା ପରେ ବ୍ରହ୍ମବରଦା ଗ୍ରାମର ମୁରବୀ ସେକ୍ ଅକ୍ତର ହୋସେନ ଖାଁଙ୍କ ସମେତ ସେକ୍ ଆବୁ ସାଏମା, ସେକ୍ ମେହେତାବ ଅହମ୍ମଦ, ଅବଦୁଲ ଖାଲିକ୍ ଖାଁନ, ସବିର ଅଲ୍ଲୀ, ଆୟୁବ ଅଲ୍ଲୀ, ଅମରୁଲ ହକ୍ ଓ ଆବୁଲ ଖାଁନ ପ୍ରମୁଖ ଏନେଇ ପାଣି କୋଇଲି ବିଭାଜନ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟରେ ପହଞ୍ଚି ସହକାରୀ ନିବାହୀ ଯନ୍ତ୍ରୀ ଇଂ ଦିଲ୍ଲିପ କୁମାର ନାଏକଙ୍କୁ ଭେଟି ରାସ୍ତା ମରାମତି ଓ ପାଣି ଡ୍ରେନେଜ୍ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦିନେ ଦୁଇ ଦିନ ଭିତରେ କ୍ଷେତ୍ର ପରିଦର୍ଶନ କରିବା ସହ ତୁରନ୍ତ ମରାମତି କରିବାକୁ ବିଭାଗ ପକ୍ଷରୁ ପ୍ରତିଶୃତି ମିଳିଥିଲା । ସୂଚନା ଥାଉକି, ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଏକ ଜନବହୁଳ ଅଞ୍ଚଳ ଭାବେ ଜିଲ୍ଲାରେ ବେଶ୍ ପରିଚିତ । ବ୍ରହ୍ମବରଦା ଓ ମହେଶ୍ୱରପୁର ପଞ୍ଚାୟତର ୨୦ ହଜାରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଏହି ଅଞ୍ଚଳରେ ବହୁ ସ୍ଥାନରେ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନମାନ ଗଢି ଉଠିଛି । ଏହା ସହିତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଚିକିତ୍ସାଳୟ ଓ ରାଷ୍ଟ୍ରାୟତ ବ୍ୟାଙ୍କ ରହିଛି । ପ୍ରତିଦିନ ଏହି ଅଞ୍ଚଳକୁ ଧର୍ମଶାଳା ବ୍ଲକ ସମେତ ବଡଚଣା, ଯାଜପୁର ଓ ବରୀ ବ୍ଲକର ଅନେକ ପଞ୍ଚାୟତ ଏହା ଉପରେ ନିର୍ଭର କରିଥାନ୍ତି ଏବଂ ଏହି ଅଞ୍ଚଳ ୨ଟି ମୁଖ୍ୟ ରାଜପଥକୁ ସଂଯୋଗ କରୁଛି । ବରୁଆଁ-କୃଷ୍ଣଦାସପୁର ଓ ବ୍ରହ୍ମବରଦା-ଜାରକା ୧୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଛି । ସଦର ମହକୁମାକୁ ଯିବା ପାଇଁ ଏହା ଏକ ମୁଖ୍ୟ ରାସ୍ତା ହୋଇଛି । ତେବେ ସମାନ୍ୟ ବର୍ଷା ହେବା ଫଳରେ ଏହି ମୁଖ୍ୟ ରାସ୍ତାରେ ବର୍ଷା ଜଳ ଦୀର୍ଘ ଦିନ ଧରି ଜମି ରହୁଛି । ରାସ୍ତାରେ ଦେଇ ଯାତାୟାତ କରୁଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷେ ରାସ୍ତାରେ କଡରେ ଥିବା ବ୍ୟବସାୟୀ ଓ ଘର ବସବାସ କରୁଥିବା ଜନସାରଣମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ଦିନ ଧରି ବର୍ଷା ଜଳ ଜମିବା ଫଳରେ ପାଣିରେ ବିଭିନ୍ନ ପ୍ରକାରର ପୋକ ରହୁଥିବା ବେଳେ ପାଣିରୁ ବାହାରୁ ଥିବା ଦୁର୍ଗନ୍ଧରେ ନିଶ୍ୱାସ ନେବା ସମ୍ଭବ ହେଉ ନାହିଁ । ଗଲା କିଛି ଦିନ ହେବ ଜିଲ୍ଲାରେ ଡାଇରିଆର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଏହି ସ୍ଥାନମାନଙ୍କରେ ଡାଇରିଆ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ନିକଟରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ସ୍ଥାନରେ ଡ୍ରେନେଜ୍ ହେବା ଆବଶ୍ୟକ ରହିଛି । ଯେଉଁ ସ୍ଥାନରେ ଡେନେଜ୍ ଆବଶ୍ୟକ ନାହିଁ ସେହି ସ୍ଥାନମାନଙ୍କରେ ଡ୍ରେନେଜ୍ ହେବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏବଂ ଯେଉଁ ସ୍ଥାନରେ ଡେନେଜ୍ ସୁବିଧା ଅଛି ତାହା ବର୍ତମାନ ଅବରୋଧ ହୋଇପଡିଛି । ତାହାକୁ ତୁରନ୍ତ ମରାମତି ହେବା ନେଇ ଖବର ପ୍ରସାରିତ ହେବା ପରେ ଅଞ୍ଚଳର ମୁରବୀ ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଞ୍ଚି ଘଟଣା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

# ଭ୍ରାମ୍ୟମାଣ ସବୁଜ ସଚେତନତା ରଥର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ଦେବଗଡ଼, ନ୍ୟୁଜ୍ ବ୍ୟୁରୋ**



ଦେବଗଡ଼ ଜିଲ୍ଲାକୁ Plastic ଗସ୍ତରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ଲୋକସଭା ସାଂସଦ ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ଗସ୍ତରେ ଆସି ତିଲେଇବଣି ବ୍ଲକ ସାନ୍ତରାପାଲି ଗ୍ରାମରେ ବନଖଣ୍ଡ ବିଭାଗ ପକ୍ଷରୁ ୭୬ତମ ବନ ଉତ୍ସବ ସପ୍ତାହ ବୃକ୍ଷ ରୋପଣ ଅଭିଯାନ ମା’ ପାଇଁ ଗଛଟିଏ ଶୁଭାରମ୍ଭ କରିଥିଲେ । ପରେ ଏକ ଭ୍ରମ୍ୟମାଣ ସବୁଜ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ । ଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି ନୂତନ ବସ୍ ଷ୍ଟାଣ୍ଡର ଶୁଭାରମ୍ଭ କରିଥିଲେ । ପରେ ପରେ ପ୍ରଧାନପାଟ ବଡ଼ବଗିଚା ଠାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଗରିବ କଲ୍ୟାଣ ଓ ବିକାଶ ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାରତ ସରକାର ତଥା ଲୋକସଭା ସାଂସଦ ସମ୍ବଲପୁର ଶ୍ରୀ ପ୍ରଧାନ ଯୋଗଦେଇ ଜିଲ୍ଲାର ୧୪ଟି ବିଭାଗର ୪୫ଟି ପ୍ରକଳ୍ପ ବ୍ୟୟ ଅଟକଳ ୧୬୩ କୋଟି ୮୫୭ ଲକ୍ଷ ଓ ୩ଟି ଭିତ୍ତି ପ୍ରସ୍ତର ସ୍ଥାପନର ଡିଜିଟାଲ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଦେବଗଡ଼ ଜିଲ୍ଲାକୁ ରାଜ୍ୟରେ ଏକ ବିକଶିତ ଓ ଅଗ୍ରଣୀ ଭାବରେ ଗଢି ତୋଳିବା ପାଇଁ ପ୍ରତିଶୃତି ଦେବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାର ରବି ନାରାୟଣ ନାଏକ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବରଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା, ବନଖଣ୍ଡ ବିଭାଗ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା, ଶ୍ରମ ବିଭାଗ ପକ୍ଷରୁ ୨୫୩ ଜଣ ହିତାଧିକାରୀଙ୍କୁ ୧, ୩୧, ୪୪, ୮୦୦ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା । ସେହିପରି ଶିକ୍ଷା ସହାୟତା ୧୦୮ ଜଣଙ୍କୁ ୮, ୩୯, ୮୦୦ ଟଙ୍କା, ବିବାହ ସହାୟତା ୩୮ ଜଣଙ୍କୁ ୧୯, ୦୦, ୦୦୦ ଟଙ୍କା, ମୃତ୍ୟୁ ସହାୟତା ୩୮ ଜଣଙ୍କୁ ୯୯, ୦୦, ୦୦୦ ଟଙ୍କା, ଦାହ ସହାୟତା ୩୭ ଜଣଙ୍କୁ ୧, ୮୫, ୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଶେଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତା ଜବରଦଖଲ ଯୋଗୁ ନୀଳାଦ୍ରିବିହାରବାସୀଙ୍କ ଅସନ୍ତୋଷ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ନିଜ ଜାଗାରେ ଘର ନିର୍ମାଣ କରିଛନ୍ତି । ହେଲେ ପାର୍କିଂ ପାଇଁ ସର୍ବସାଧାରଣ ରାସ୍ତାକୁ ବ୍ୟବହାର କରୁଛନ୍ତି । ଅଧାରାସ୍ତା ଅବରୋଧ କରି ସେଠାରେ ଦିନ ତମାମ କାର୍, ବାଇକ୍ ରଖୁଛନ୍ତି । ଆଉ କେତେକ ସ୍ଥାନରେ ତ ରାସ୍ତାକୁ ମାଡ଼ି ନିଜ ବିଲଡିଂକୁ ଯିବା ପାଇଁ ପାହାଚ କରିଛନ୍ତି । କେହି କେହି ରାସ୍ତାପାର୍ଶ୍ୱ ଜାଗାକୁ ମାଡ଼ି ଗାଡ଼ି ଉଠାଇବାକୁ ରାମ୍ପ ନିର୍ମାଣ କରିଛନ୍ତି । ପରିଣାମ ସ୍ୱରୂପ ରାସ୍ତା ସଙ୍କୁଚିତ ହେବା ସହ ସାଧାରଣ ଲୋକଙ୍କ ଚଳପ୍ରଚଳରେ ଅସୁବିଧା ହେଉଛି । କିଛି ମୁଷ୍ଟିମେୟ ଲୋକ ନିଜ ଇଚ୍ଛା ମୁତାବକ ରାସ୍ତା ଜବରଦଖଲ କରି ରଖିଛନ୍ତି । ରାସ୍ତାରେ ଗୋଟିଏ ଗାଡ଼ି ଗଲେ ଆଉ ଗୋଟିଏ ଗାଡ଼ି ଯିବାକୁ ବାଟ ମିଳୁନାହିଁ । ଭୁବନେଶ୍ୱର ମହାନଗର ନିଗମ ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ନୀଳାଦ୍ରିବିହାରବାସୀ ଏଭଳି ଭିଡ଼ରେ ରୁନ୍ଧି ହେଉଛନ୍ତି । ଜଣେ ଅବସରପ୍ରାପ୍ତ ପ୍ରଶାସକଙ୍କ କହିବାନୁଯାୟୀ ସହରର ପ୍ରମୁଖ ରାସ୍ତା ମାଲିକାନା ପୂର୍ତ୍ତ ବିଭାଗ ଓ ବିଏମ୍‌ସି ଅଧୀନରେ ରହିଛି । ସାର୍ବଜନୀନ ସ୍ଥାନ ଉପରେ ଜବରଦଖଲ ହେଉଥିଲେ ମଧ୍ୟ ଉଭୟ ସଂସ୍ଥା ଜବରଦଖଲ ଉଚ୍ଛେଦ କିମ୍ବା ନିଜ ରାସ୍ତାର ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଯେତେବେଳେ ଏକ ନୂତନ ରାସ୍ତା ତିଆରି ହେଉଛି, ସେତେବେଳେ କ୍ୟାବିନ୍, ଉଠାଦୋକାନୀ ରାସ୍ତାପାର୍ଶ୍ୱରେ ଦୋକାନ ଖୋଲିବାକୁ ଆଗଭର ହେଉଛନ୍ତି । ଏହାଦ୍ୱାରା ରାସ୍ତାର ୫୦% ଅଂଶ ପାର୍କିଂରେ ଚାଲିଯାଉଛି, ଯାହାକି ଦୁର୍ଘଟଣା ବଢ଼ାଇବା ସହ ନୂତନ ନିର୍ମାଣର ଉଦ୍ଦେଶ୍ୟକୁ ବିଫଳ କରୁଛି । ୨୦୧୮ରୁ ଜମି ହଡ଼ପ ବିରୋଧୀ ଆଇନ୍ ରାଜସ୍ୱ ବିଭାଗରେ ପଡ଼ି ରହିଛି । ମାତ୍ର ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ । ଏଣେ ରାଜସ୍ୱ ମନ୍ତ୍ରୀ ଘୋଷଣା କରୁଛନ୍ତି ଯେ ସରକାରୀ ଜମି ଜବରଦଖଲରେ ଶୂନ୍ୟ ସହନଶୀଳତା ଗ୍ରହଣ କରାଯିବ । ଜବରଦଖଲକୁ ବରଦାସ୍ତ କରାଯିବ ନାହିଁ । ଗୋଟିଏ ଦୃଢ଼ ଆଇନ୍ ପ୍ରଣୟନ ନକରି ଜବରଦଖଲ ଉଚ୍ଛେଦ କଥା କହିବା ଏକ ପ୍ରହସନ ଛଡ଼ା ଆଉ କିଛି ନୁହେଁ । ୱାର୍ଡ ନମ୍ବର ୭ ଅନ୍ତର୍ଗତ କୈଳାସବିହାରରେ ପୂର୍ତ୍ତ ବିଭାଗ ୧୦୦ ଫୁଟିଆ ରାସ୍ତା (ଉତ୍କଳ ହସ୍ପିଟାଲ ଓ ନୀଳାଦ୍ରିବିହାରକୁ ସଂଯୋଗ କରୁଛି) ପାର୍ଶ୍ୱରେ ଜବରଦଖଲ ବଢୁଛି । ବୁଦ୍ଧପାର୍କ ରାସ୍ତାର ଲେନ୍ ୯ ଓ ୧୩ରେ କଂକ୍ରିଟ୍ ଘର, ପାର୍କିଂ ସ୍ଥାନ, ପାଚେରି କରାଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗର ଅଧିକାରୀମାନେ ଚୁପ୍ ବସିଛନ୍ତି । ଏନେଇ ଗତ ସପ୍ତାହରେ ୧୪ ନମ୍ବର ୱାର୍ଡରେ ଅନୁଷ୍ଠିତ ବିଏମ୍‌ସି ଜନଶୁଣାଣିରେ ଅଞ୍ଚଳବାସୀ ସ୍ୱର ଉଠାଇବା ସହ ଜବରଦଖଲ ମୁକ୍ତ କରିବାକୁ ମେୟର ସୁଲୋଚନା ଦାସଙ୍କ ନିକଟରେ ଦାବି କରିଥିଲେ । ଖୁବ୍‌ଶୀଘ୍ର ସର୍ଭେ କରାଯାଇ ପଦକ୍ଷେପ ନିଆଯିବ ବୋଲି ମେୟର କହିଥିଲେ । ତେବେ କେବେ ମେୟରଙ୍କ ଘୋଷଣା କାର୍ଯ୍ୟକାରୀ ହେବ ତାହାକୁ ସମସ୍ତେ ଚାହିଁ ରହିଛନ୍ତି । ଅନ୍ୟପକ୍ଷରେ ବୁଦ୍ଧପାର୍କ ରାସ୍ତା ପାର୍ଶ୍ୱରେ ଘରୋଇ ଟ୍ରାନ୍ସଫର୍ମର ନିର୍ମାଣ ହୋଇଥିଲେ ମଧ୍ୟ ଉଚ୍ଛେଦ ଦିଗରେ କେହି ବି ଆନ୍ତରିକତା ଦେଖାଉନାହାନ୍ତି । ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ନୀଳାଦ୍ରିବିହାର ବୁଦ୍ଧପାର୍କ ରୋଡ୍‌ଠାରୁ ଉତ୍କଳ ହସ୍ପିଟାଲ୍ ରାସ୍ତା ମଧ୍ୟରେ ଥିବା ଟ୍ରାନ୍ସଫର୍ମର ହଟାଯିବା ନେଇ ଏପ୍ରିଲ ମାସରେ ନିଷ୍ପତ୍ତି ହୋଇଥିଲା । ବିଏମ୍‌ସି ଉତ୍ତର ମଣ୍ଡଳ ଉପଆୟୁକ୍ତ ଏପ୍ରିଲ ୨୫ରେ ବିଜ୍ଞପ୍ତି ଜାରି କରି ଯେଉଁମାନେ ବ୍ୟକ୍ତିଗତ ଭାବେ ରାସ୍ତାରେ ଟ୍ରାନ୍ସଫର୍ମର ନିର୍ମାଣ କରିଛନ୍ତି ତାହାକୁ ୭ ଦିନ ମଧ୍ୟରେ ହଟାଇବାକୁ କହିଥିଲେ । ନହେଲେ ଜବରଦଖଲ ଉଚ୍ଛେଦ କରିବାକୁ ଚେତାବନୀ ଦେଇଥିଲେ । ଇତିମଧ୍ୟରେ ଦୁଇ ମାସ ବିତିଯାଇଥିଲେ ମଧ୍ୟ ବିଏମ୍‌ସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

# ୨୩ଟି ନକଲି ହୋଟେଲ ୱେବ୍‌ସାଇଟ୍ ବ୍ଲକ୍ କରିବ କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ରାଇମ୍ ବ୍ରାଞ୍ଚ, ଓଡ଼ିଶାର ସୋସିଆଲ୍ ମିଡିଆ ଟିମ୍ ନକଲି ୱେବ୍‌ସାଇଟ୍ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଅଦ୍ୟାବଧି କ୍ରାଇମ୍‌ବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ୨୩ଟି ନକଲି ହୋଟେଲ ୱେବ୍‌ସାଇଟ୍ ଚିହ୍ନଟ କରିବା ସହ ସେଗୁଡ଼ିକୁ ବ୍ଲକ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ସେଥିମଧ୍ୟରୁ ୧୫ଟି ୱେବ୍‌ସାଇଟ୍‌କୁ ପୂର୍ବରୁ ବ୍ଲକ କରାଯାଇଥିବା ବେଳେ ଅନ୍ୟ ୱେବ୍‌ସାଇଟ୍ ଗୁଡିକୁ ବନ୍ଦ କରାଯିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମହାପ୍ରଭୁଙ୍କ ପୁରୀ ରଥଯାତ୍ରା ସମୟରେ ସାଇବର ଅପରାଧୀମାନେ ବିଭିନ୍ନ ହୋଟେଲ୍ ଗୁଡ଼ିକର ନକଲି ୱେବ୍‌ସାଇଟ୍ ପ୍ରସ୍ତୁତ କରୁଛନ୍ତି । ସାଧାରଣ ଲୋକଙ୍କୁ ଅନ୍‌ଲାଇନ୍ ବୁକିଂ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରିବା ନାଁରେ ଠକୁଛନ୍ତି । ଫଳରେ ଅସୁବିଧା ସମୟରେ ଏବଂ କମ୍ ଟଙ୍କାରେ ହୋଟେଲ୍ ଖୋଜୁଥିବା ପର୍ଯ୍ୟଟକମାନେ ଏହି ନକଲି ସାଇଟ୍ ଗୁଡ଼ିକର ଶିକାର ହେଉଛନ୍ତି । ଏହି ନକଲି ୱେବ୍‌ସାଇଟ୍ ପେଜ୍‌ଗୁଡିକ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ, ଏହା ଅବିକଳ ଅସଲି ୱେବ୍‌ସାଇଟ୍ ପରି ଦୃଶ୍ୟମାନ ହୋଇଥାଏ । ଯାହାଫଳରେ କି, ସାଧାରଣ ଲୋକଟି ପାଇଁ ଅସଲି ଏବଂ ନକଲି ମଧ୍ୟରେ ପାର୍ଥକ୍ୟ କରିବା ବହୁତ କଷ୍ଟକର ହୋଇପଡ଼େ । ଠକମାନେ ବିଭିନ୍ନ ପ୍ରତିଷ୍ଠିତ ହୋଟେଲର ନକଲି ୱେବ୍‌ସାଇଟ୍ ପ୍ରସ୍ତୁତ କରିବା ସହ କମ୍ ଟଙ୍କା, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର୍ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ଘଟଣା ନଜରକୁ ଆସିଥାଏ । ଏହି ଠକମାନେ ପ୍ରାୟତଃ ଗୁଗୁଲ୍ ସର୍ଚ୍ଚର ଶୀର୍ଷରେ ନକଲି ୱେବ୍‌ସାଇଟ୍ ରଖନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଉଲ୍ଲେଖ ଯୋଗ୍ୟ ଯେ, ଅତୀତରେ ଘଟିଥିବା ଘଟଣା ଯୋଗୁଁ ଚଳିତ ବର୍ଷ ଓଡ଼ିଶାରେ କ୍ରାଇମ୍‌ବ୍ରାଞ୍ଚର ସୋସିଆଲ ମିଡିଆ ଟିମ୍ ସତର୍କ ରହିଛି । ଗତ ବର୍ଷ, ଏହି ପ୍ରକାରର ଠକେଇରେ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟର ଅନେକ ଲୋକ ବହୁତ ଟଙ୍କା ହରାଇଛନ୍ତି । ଏହି ବର୍ଷ, ଟିମ୍ ୨୨ ଜୁନ୍ ୨୦୨୫ରୁ ଆଜି ପର୍ଯ୍ୟନ୍ତ ନକଲି ହୋଟେଲ ସାଇଟ୍ ଖୋଜିବା, ସେଗୁଡ଼ିକୁ ରିପୋର୍ଟ କରିବା ଏବଂ ଯଥାଶୀଘ୍ର ସତର୍କତା ପଠାଇବା ପାଇଁ ଦିନରାତି କାମ କରୁଛି । ଚଳିତବର୍ଷ ସୁନାବେଶ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ । ଲୋକଙ୍କୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ, ଆମର ଅଫିସିଆଲ୍ ସାଇବର ସୁରକ୍ଷା ପେଜ୍ ମାଧ୍ୟମରେ ଏହି ଠକେଇ ବିଷୟରେ ନିୟମିତ ସତର୍କତା ଏବଂ ସଚେତନତା ବାର୍ତା ମଧ୍ୟ ସେୟାର କରାଯାଉଛି । ଗୁରୁତ୍ୱପୂର୍ଣ୍ଣ ଅପଡେଟ୍, ସୁରକ୍ଷା ଟିପ୍ସ ଏବଂ ରିଅଲ୍-ଟାଇମ୍ ଚେତାବନୀ ପାଇଁ ନାଗରିକମାନଙ୍କୁ ଟ୍ୱିଟର, ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍‌ରେ ସାଇବର କପ୍ ଓଡ଼ିଶାକୁ ଅନୁସରଣ କରିବାକୁ ସୂଚନା ପ୍ରଦାନ କରାଯାଇଛି । ନାଗରିକଙ୍କ ପାଇଁ ପରାମର୍ଶ ଦେଇ କ୍ରାଇମ୍‌ବ୍ରାଞ୍ଚ କହିଛି ମେକ୍ ମାଇଁ ଟ୍ରିପ୍, ଗୋଆଇବିବୋ, ବୁକିଂ.କମ୍, ଟ୍ରିଭାଗୋ ଇତ୍ୟାଦି ସ୍ୱୀକୃତି ପ୍ରାପ୍ତ ୱେବ୍‌ସାଇଟ୍ ମାଧ୍ୟମରେ ବୁକିଂ କରନ୍ତୁ । ଗୁଗଲ୍ ମ୍ୟାପସ୍ ବ୍ୟବହାର କରି ହୋଟେଲର ଠିକଣା ଓ ନମ୍ବର କ୍ରସ୍ ଚେକ୍ କରନ୍ତୁ । ବୁକିଂ ସମୟରେ ସମସ୍ତ ଅର୍ଥ ଅଗ୍ରିମ ପଇଠ କରନ୍ତୁନାହିଁ । ସୁରକ୍ଷିତ ପେମେଣ୍ଟ ଗେଟ୍‌ୱେ ବ୍ୟବହାର କରନ୍ତୁ । ବୈଧ ଇନ୍‌ଭଏସ୍ କିମ୍ବା ବୁକିଂ ଆଇଡି ସହ ଇମେଲ୍ ବା ଏସ୍‌ଏମ୍‌ଏସ୍ ମାଧ୍ୟମରେ ନିଶ୍ଚିତ ପାଆନ୍ତୁ । ରଥଯାତ୍ରା ସମୟରେ ଅପେକ୍ଷାକୃତ କମ୍ ଦର ଦେଖି ବୁକିଂ କରନ୍ତୁ ନାହିଁ । ବୁକିଂ ବେଳେ ଠକାମିର ଶିକାର ହୋଇଛନ୍ତି ଜାଣିଲେ ତୁରନ୍ତ ୧୯୩୦ରେ ରିପୋର୍ଟ କରନ୍ତୁ ।

# ବିଦ୍ୟୁତ୍ ସଂରକ୍ଷଣ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିବାର ଆବଶ୍ୟକତା ଜରୁରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସମାଜରେ ସୁଧାର ଆଣିବାକୁ ହେଲେ ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି । ଏହାକୁ ହୃଦୟଙ୍ଗମ କରି ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫ ଉଦ୍‌ଯାପିତ ହୋଇଛି । ପ୍ରତିବର୍ଷ ଜୁନ୍ ୨୬ ରୁ ଜୁଲାଇ ୨ ମଧ୍ୟରେ ଏହି ସପ୍ତାହ ପାଳନ କରାଯାଇଥାଏ । ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ ଶକ୍ତି ବିଭଗର ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କ ସହଯୋଗରେ ଓ ପରିବେଶ ଅଧୟନ କେନ୍ଦ୍ର, ଭୁବନେଶ୍ୱରଙ୍କ ଆନୁକୂଲ୍ୟ ଓ କେନ୍ଦୁଝରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ବିଦ୍ୟୁତ୍ ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମର ପରିଚାଳନା କରାଯାଇଥିଲା । ଗତ ଜୁନ ୨୬ ତାରିଖରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଦ୍ୟୁତ୍ ସଚେତନତା ନିମନ୍ତେ ଆଲୋଚନା ଚକ୍ର ଓ ଶପଥ ପାଠ ହୋଇଥିବା ବେଳେ ଜୁଲାଇ ୧ ତାରିଖ ଦିନ ଏକ ବିଶାଳ ରାଲି ଗୋବିନ୍ଦପୁର ଓ ବାମ୍ପାର ଗ୍ରାମ ପରିଭ୍ରମଣ କରିଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଗ୍ରାମବାସୀମାନେ ମିଳିତ ଭାବେ ଏହି ସଚେତନତା ରାଲିରେ ସାମିଲ ହୋଇଥିଲେ । ଜୁଲାଇ ୨ ତାରିଖ ଦିନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରବନ୍ଧ, ଚିତ୍ରାଙ୍କନ, ମୁଁ ବି ପାରିବି ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବ୍ଲକ ସ୍ତରୀୟ ତର୍କ ପ୍ରତିଯୋଗିତା ବିଜୁଳିର ସଠିକ୍ ବ୍ୟବହାର, ଆମ ଜୀବନର ଆଧାର ସଂକ୍ରାନ୍ତ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ସ୍ମାର୍ଟ ଏନର୍ଜି ସୁରକ୍ଷିତ ରାଷ୍ଟ୍ର ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ମାଲକାନଗିରିରେ ନୂତନ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟୁତ୍ ସେବାକୁ ଗ୍ରାହକ କୈନ୍ଦ୍ରିକ କରିବା ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରିରେ ଏକ ନୂତନ ଗ୍ରାହକ ସେବା କେନ୍ଦ୍ର (ସିଆରସି) ଉଦ୍‌ଘାଟିତ ହୋଇଛି । ଯାହାଫଳରେ ଜନଜାତି ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମାଲକାନଗିରି ଜିଲ୍ଲାର ଉପଭୋକ୍ତାମାନେ ଗୁଣାତ୍ମକ ସେବା ପାଇପାରିବେ । କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ନୂତନ ସିଆର୍‌ସିକୁ ଉଦ୍‌ଘାଟନ କରିଥିଲେ । ଏହା ଉପଭୋକ୍ତା ଏବଂ କମ୍ପାନୀର ବିଦ୍ୟୁତ୍ ସେବା ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ସହ ଉଭୟ ଭୌଗଳିକ ତଥା ସାଂସ୍କୃତିକ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ପରିଗଣିତ ହେଉଥିବା ମାଲକାନଗିରି ଜିଲ୍ଲାରେ ଗ୍ରାହକ ସେବାକୁ ସୁଦୃଢ଼ କରିବ । ମୁଖ୍ୟତଃ ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାରେ ଜଙ୍ଗଲ ଘେରା ପାହାଡିଆ ଭୂମି ଯୋଗୁଁ ଅନେକ ଆହ୍ୱାନ୍ ରହିଛି । ଏସବୁକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ କରିଛି । ଏଥିରେ ବିଲିଂ କାଉଣ୍ଟର, ଅଭିଯୋଗ ପ୍ରତିକାର କାଉଣ୍ଟର ଏବଂ ଉପଭୋକ୍ତାଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ରହିଛି । ଏହି ଅବସରରେ ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ‘ମାଲକାନଗିରି ଏକ ସଂସ୍କୃତି ସମୃଦ୍ଧ ଜିଲ୍ଲା । ଏଠାକାର ବାସିନ୍ଦାଙ୍କ ଜୀବନ ଶୈଳୀକୁ ଉନ୍ନତ କରିବା ପାଇଁ ସେମାନଙ୍କ ନିକଟରେ ଗ୍ରାହକ ସେବା ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ । ଆମର ଗ୍ରାହକ ସେବା କେନ୍ଦ୍ର ମାଧ୍ୟମରେ ପ୍ରତ୍ୟେକ ଲୋକଙ୍କ ନିକଟରେ ଉତ୍ତମ ମାନର ସେବା ପହଞ୍ଚିବ ଏବଂ ଏହା ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ । ଏହି ନୂତନ ସିଆର୍‌ସି ପ୍ରାୟ ୫,୭୦୦ ବର୍ଗକିମି ପରିବ୍ୟାପ୍ତ ଅଞ୍ଚଳରେ ୧ ଲକ୍ଷ ୧୬ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ସେବା ଯୋଗାଇବ । ବାଲିମେଳା, କାଳିମେଳା, ମାଥିଲି ଏବଂ ସୀମାନ୍ତ ମୋଟୁ ଅଞ୍ଚଳରେ ଗୁଣାତ୍ମକ ଗ୍ରାହକ ସେବା ମିଳିପାରିବ । ଏହା ଟିପିଏସ୍‌ଓଡିଏଲ୍‌ର ସପ୍ତମ ଗ୍ରାହକ ସେବା କେନ୍ଦ୍ର । ପୂର୍ବରୁ ବ୍ରହ୍ମପୁର (ସମ୍ପୂର୍ଣ୍ଣ ଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ), ରାୟଗଡ଼ା, ପାରଳାଖେମୁଣ୍ଡି, ଜୟପୁର, ଆସିକା ଏବଂ ହିଞ୍ଜିଳିକାଟୁରେ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ଅଛି । ସମଗ୍ର ଦକ୍ଷିଣ ଓଡ଼ିଶାରେ ସମାବେଶୀ ତଥା ଗୋଷ୍ଠୀ କୈନ୍ଦ୍ରିକ ବିଦ୍ୟୁତ ସେବା ଯୋଗାଇବା ନେଇ ଟିପିଏସ୍‌ଓଡିଏଲ୍‌ର ମିଶନରେ ଏହା ସହାୟକ ହେଉଛି ।

## ||||||||||||||| ଘରୋଇ କମ୍ପାନୀର ଦାଦାଗିରି |||||||||||||||

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଫେଇ କର୍ମଚାରୀଙ୍କ ହଟହଟା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସଦର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଫେଇ ଦାୟିତ୍ୱ ନେଇଥିବା ଘରୋଇ ଏକ କମ୍ପାନୀର ସଫେଇ କର୍ମଚାରୀଙ୍କ ଉପରେ ଦାଦାଗିରି ଅଭିଯୋଗ ହୋଇଛି । ଏ ନେଇ ସଫେଇ କର୍ମଚାରୀ ସମୂହ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ଏକ ଦାବିପତ୍ର ଏଡିଏମ୍ ରାଜେନ୍ଦ୍ର ମାଝୀଙ୍କୁ ପ୍ରଦାନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ପ୍ରାୟ ୪୦ ପୁରୁଷ ୩୦ ମହିଳା ସଫେଇ କର୍ମଚାରୀ ନିୟୋଜିତ କରି କମ୍ପାନୀ ହଇରାଣ ହରକତ କରୁଛି । ତାଙ୍କ କହିବା ମୁତାବକ ଦରମା ଠିକ୍ ସମୟରେ କୌଣସି ମାସ ଦିଆଯାଉନାହିଁ । ପ୍ରତ୍ୟେକ ମାସ ଅଭିଯୋଗ କଲା ପରେ ପୁରା ପଇସା ଦିଆଯାଉନାହିଁ । ମୂଳ ଦରମାରୁ କେଉଁ ବାବଦରେ କେତେ ପଇସା ଇପିଏଫ ନା କଣ କଟୁଛି କର୍ମଚାରୀ ଜାଣିପାରୁନଥିବା ବେଳେ ପଚାରିଲେ ନାଲି ଆଖି ଦେଖାଉଛି ସଂସ୍ଥା । ସମସ୍ତେ ଗୋଟିଏ ଗୋଟିଏ ମଣିଷ ମାତ୍ର ସକାଳ ୬ ଟା ରୁ ୯ଟା ପର୍ଯ୍ୟନ୍ତ ଯେତେ ବେଳେ କାମ ସାରି କ୍ଲାନ୍ତ ହୋଇଯାଆନ୍ତି ଟିକେ ରେଷ୍ଟ କଲେ କମ୍ପାନୀର ସୁପରଭାଇଜାର ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ସଫେଇ କର୍ମଚାରୀ । ଯଦି ଜିଲ୍ଲାପାଳଙ୍କୁ ଏ ବିଷୟରେ ଜଣାଇବ ତାହେଲେ ଚାକିରିରୁ ବହିଷ୍କୃତ ନଚେତ୍ ସୁବର୍ଣ୍ଣପୁରରୁ ପ୍ରାୟ ୬୦ କିଲୋମିଟର ଉର୍ଦ୍ଧ୍ୱରେ ସ୍ଥିତ ଡୁଙ୍ଗୁରିପାଲି ଉପଖଣ୍ଡ ଚିକିତ୍ସାଳୟକୁ ବଦଳି କରିଦେବା ଧମକ ଦେଉଛନ୍ତି ଏଜେନ୍ସିର ଅଧିକାରୀ । ଠିକ୍ ସମୟରେ ଦରମା, ମଣିଷ ଭଳି ବ୍ୟବହାର, ଇପିଏଫ ଡିପୋଜିଟ୍, ସ୍ଥାନୀୟ କର୍ମଚାରୀଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ନିଯୁକ୍ତି ପ୍ରମୁଖ ଦାବି ରଖି ମନରେ ସାହସ ବାନ୍ଧି ଜିଲ୍ଲାପାଳ ଅନ୍ୟା ଦାସଙ୍କ ପାଖରେ ପହଞ୍ଚିଥିଲେ ସଫେଇ କର୍ମଚାରୀ । ମାତ୍ର ଜିଲ୍ଲାପାଳଙ୍କୁ ନ ଭେଟି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀଙ୍କୁ ସାକ୍ଷାତ କରି ଏକ ଅନୁରୋଧ ପତ୍ର ଦେଇଛନ୍ତି ସଫେଇ କର୍ମଚାରୀ ସଂଘ ।

# ନଦୀରେ ଭାସିଯାଇ ୨ ମୃତ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ପଞ୍ଚାୟତରେ ଅଘଟଣ ! ନଈ ପାରି ହେବା ସମୟରେ ପାଣିରେ ଭାସି ଗଲେ ଦୁଇଜଣ । ଅଗ୍ନିଶମ ବାହିନୀ ଦ୍ୱାରା ଦୁଇ ମୃତଦେହକୁ ଉଦ୍ଧାର କରାଯାଇଛି । ଦୁଇ ମୃତକ ନାଲିଗୁଡା ଗ୍ରାମର ଲବ ଦୋରା ଏବଂ ଶୁକ୍ରି ଫଟକା । ଖବର ଅନୁସାରେ ଦୁହେଁ ନିଜର ଚାଷ ଜମିକୁ ଯାଉଥିବା ବେଳେ ନଈରେ ଭାସିଯାଇଥିଲେ । ସ୍ରୋତ ପ୍ରଖର ଥିବାରୁ ତାଙ୍କୁ ଖୋଜିବା ସମ୍ଭବ ପର ହୋଇନଥିଲା । ପରେ ସ୍ଥାନୀୟ ବାସିନ୍ଦା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଖୋଜାଖୋଜି କରି ଦୁଇ ଜଣକୁ ଉଦ୍ଧାର କରିଥିଲେ ।



# ବିଭିନ୍ନ ଦାବି ନେଇ ଜୁଲାଇ ୮ରୁ ଡ୍ରାଇଭର ମହାସଂଘର ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଡ୍ରାଇଭର ମହାସଂଘର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ଡ୍ରାଇଭର ମହାସଂଘର ବିଭିନ୍ନ ଦାବି ଗୁଡିକ ପୁରଣ ନହେବାରୁ ଆସନ୍ତା ୮ ତାରିଖ ଠାରୁ ଦୁହୁରିଆ ଠାରେ ଡ୍ରାଇଭର ମହାସଂଘର ସମସ୍ତ ସଭ୍ୟ ଧାରଣା ଦେବେ ବୋଲି ଏନେଇ ଏକ ଦାବିପତ୍ର ଉପଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଦୀର୍ଘ ଦିନ ହେଲା ଡ୍ରାଇଭର ମହାସଂଘ ସେମାନଙ୍କର ବିଭିନ୍ନ ଦାବି ଗୁଡିକ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର ତାଙ୍କ ଦାବି ଗୁଡିକୁ ପୁରଣ କରୁନଥିବାରୁ ଆସନ୍ତା ୮ ତାରିଖ ଠାରୁ ଏମାନେ ଷ୍ଟେରିଂ ଛାଡି ଧାରଣାରେ ବସିବେ ବୋଲି ଡ୍ରାଇଭର ମହାସଂଘ ତରଫରୁ ଜଣାଇ ଦିଆଯାଇଛି ।

## —— ଲଗାଣ ବର୍ଷାରେ ସମ୍ବଲପୁର ବେହାଲ ——

# ବହୁ ଅଞ୍ଚଳ ଜଳମଗ୍ନ:ଜୀବନ ଯାତ୍ରା ଠପ୍

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମଗ୍ର ସମ୍ବଲପୁର ଜିଲ୍ଲାରେ ଲଗାଣ ବର୍ଷା ଫଳରେ ଜିଲ୍ଲାବାସୀଙ୍କ ଅବସ୍ଥା ବେହାଲ ହୋଇପଡିଛି । କେଉଁଠି ପୋଲ ଉପରେ ବର୍ଷା ଜଳ ଗଡୁଛି ତ କେଉଁଠି ଗଛ ପଡି ରାସ୍ତା ଅବରୋଧ ହୋଇଛି । ଏଭଳି ଅବସ୍ଥାରେ ଏକାଧିକ ଗାଁ, ସାହି ଜଳବନ୍ଦୀ ଓ ବିଚ୍ଛିନ୍ନ ହୋଇପଡିଛି । କ୍ଷେତରେ ଉଜୁଡି ଯାଇଛି ଧାନ ଫସଲ । ଫଳରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅଧିକାରୀ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ଏହାର ପ୍ରତିକାର ବ୍ୟବସ୍ଥାରେ ଲାଗିପଡିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଲଗାତାର କିଛି ଦିନ ଧରି ବର୍ଷା ଲାଗି ରହିଥିବା ବେଳେ ବୁଧବାର ଦିନ ୧୧ଟାରୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ହୋଇଛି । ଲଗାଣ ବର୍ଷା ଯୋଗୁଁ ଜମନକିରା ବ୍ଲକର ପ୍ରାୟ ୧୦ଟି ଗାଁ ଏବେ ଜଳବନ୍ଦୀ ହୋଇପଡିଛି । ଏପଟେ ଏକ ନାଳା ଉପରେ ଥିବା ବ୍ରିଜ୍‌ରେ ଗଛ ପଡ଼ି ଯାତାୟାତ ବି ଏକ ରକମର ଠପ୍ ହୋଇଯାଇଛି । ଜମନକିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡି, ଖର୍ସନମାଲ ଓ ମୁଣ୍ଡେନପାଲି ପଞ୍ଚାୟତ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ମାଳତୀ ନଦୀରେ ଜଳସ୍ତର ଫୁଲିବା ସହିତ ଗହିରୀ ନଦୀ ଉପରେ ଗୌଡ଼ପାଲି–ଗୌତମଟିକିରା ରାସ୍ତା ଉପରେ ଥିବା ପୋଲ ଉପରେ ୪ ଫୁଟ ଜଳ ପ୍ରବାହିତ ହେଉଛି । ଏଥିଯୋଗୁଁ ପ୍ରାୟ ୧୦ ଗ୍ରାମ ଗୌତମଟିକିରା, କୁସୁଲି, ସମାପଡା, କେନ୍ଦୁବେର୍ଣ୍ଣୀ, କୁମୁକାପାଲି, ଖର୍ସନମାଲ, ପାଥମୁଣ୍ଡା, ଟାଙ୍ଗରପାଲି, କାଣିବନ୍ଧଲି, ଭୋଗରାପାଲ, ଖଇରମାଲ, ହଲଦିବାହାଲ୍, ତୁରୁକଛୁଆଁ, ବାଘଲତ, ଭାଲୁଡୁଡ଼ିଆ ଇତ୍ୟାଦି ଗାଁ ସମ୍ପୂର୍ଣ୍ଣ ଭାବରେ ଜଳବନ୍ଦୀ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଅନ୍ୟପଟେ କୁଲୁଣ୍ଡିରୁ ଯାଇଥିବା ବଡକଛାର ରାସ୍ତାରେ ବନମାଲ – ବାଙ୍କଟାଲ ମଝିରେ ଥିବା ଏକ ନାଳ ଉପରେ ଥିବା କର୍ଲଭଟ ଉପରେ ଏକ ବିରାଟ ଶୁଖିଲା ଗଛ ଭାଙ୍ଗି ପଡ଼ି ଯାଇଥିବାରୁ ଉକ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି । ବିଭିନ୍ନ ଜାଗାରେ ଲୋକମାନଙ୍କର ଘର ଭାଙ୍ଗି ଯିବା ସହିତ ଚାଷ ଜମି ଉଜୁଡି ଯାଇଛି । ସେହିପରି ସମ୍ବଲପୁର ସହରରେ ବର୍ଷା ଜଳ ନିଷ୍କାସନ ହୋଇନପାରିବା ଯୋଗୁଁ ଅବସ୍ଥା ଅସମ୍ଭାଳ ହୋଇପଡିଛି । ବିଭିନ୍ନ ସ୍ଥାନର ସ୍ଥିତି ଉପରେ ନଜର ରଖି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମୀକ୍ଷା କରିବା ସହିତ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଓ ଅନ୍ୟ ବିଭାଗୀୟ ଅଧିକାରୀ ପରିସ୍ଥିତି ଉପରେ ନଜର ରଖି ପ୍ରତିକାର ବ୍ୟବସ୍ଥା ଉପରେ ଯୁଦ୍ଧକାଳିନ ଭିତିରେ ପ୍ରୟାସକୁ ଜୋରଦାର କରିଛନ୍ତି । ଅନ୍ୟପକ୍ଷରେ ଏହି ଲଗାଣ ବର୍ଷା ଫଳରେ ଧନକଉଡ଼ା ବ୍ଲକ କରଡୋଳା ପଞ୍ଚାୟତ କାରପାଲି ଏଥିରେ ପ୍ରଭାବିତ ହୋଇଛି । ଜୁଯୋମୁରା ବ୍ଲକର ଭଣ୍ଡାରିମାଲ ହିରୋ ରାସ୍ତାରେ ଥିବା ମାଳତୀ ଯୋର ପୋଲ ଉପରେ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ଏକ ପ୍ରକାର ଠପ୍ ହୋଇପଡିଛି । ସେହିପରି ରେଢ଼ାଖୋଲରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ବେଲଡ଼ିହି କଦଳିଗଡ଼ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି । ନଦୀ ନାଳ ଜଳ ପୂର୍ଣ୍ଣ ହୋଇଥିବାରୁ ଅନେକ ସ୍ଥାନରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ଗୁରୁବାର ସକାଳୁ ବର୍ଷା କମିଥିବାରୁ ଆଶ୍ୱସ୍ତି ମିଳିଥିଲେ ସୁଦ୍ଧା ଯଦି ଏଥିରେ ପରିବର୍ତନ ହୋଇ ପୁଣି ବର୍ଷା ହେଲେ ସମଗ୍ର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

# ବର୍ଷେ ଘୁଞ୍ଚିଲା ଭାରତ-ବାଂଲାଦେଶ ସିରିଜ୍



**ନୂଆଦିଲ୍ଲୀ**

ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ଆପୋସ ବୁଝାମଣାରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ହ୍ୱାଇଟ୍ ବଲ କ୍ରିକେଟ୍ ସିରିଜ୍‌କୁ ଆସନ୍ତା ବର୍ଷ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି।

ଏହି ସିରିଜ୍ ଆସନ୍ତା ଅଗଷ୍ଟରେ ହେବାର ଥିଲା। ଏହି ସିରିଜ୍‌ରେ ୩ ଲେଖାଏ ଦିନିକିଆ ଓ ଟି ୨୦ ମ୍ୟାଚ୍ ଖେଳାଯିବାର ଅଛି। ସିରିଜ୍‌ର ସମସ୍ତ ମ୍ୟାଚ୍ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟାଗଙ୍ଗ ଓ ଢାକାରେ ହେବ ବୋଲି ଘୋଷଣା କରାଯାଇଥିଲା।

କ୍ରିକେଟ ଚୁକ୍ତି ଓ ଉଭୟ ଦଳର କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ବୋର୍ଡ ମଧ୍ୟରେ ଆଲୋଚନା ପରେ ସିରିଜ୍‌କୁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ବିସିବି ହ୍ୱାଇଟ୍ ବଲ ସିରିଜ୍ ଲାଗି ଭାରତୀୟ ଦଳକୁ ଆସନ୍ତା ବର୍ଷ ସେପ୍ଟେମ୍ବରରେ ସ୍ୱାଗତ କରିବ।

ପରିବର୍ତ୍ତିତ ତାରିଖ ଓ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ବିସିବି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ଗତ ବର୍ଷଠାରୁ ଦେଖାଦେଇଥିବା ରାଜନୈତିକ ଅସ୍ଥିରତା କାରଣରୁ ବାଂଲାଦେଶରେ ସାଧାରଣ ନିର୍ବାଚନ ମାଧ୍ୟମରେ ଏକ ସ୍ଥାୟୀ ସରକାର ଗଠନ ନ ହେଲା ପର୍ଯ୍ୟନ୍ତ ବିସିସିଆଇ ଭାରତୀୟ ଦଳକୁ ପଠାଇବାକୁ ଚାହୁଁ ନ ଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା।

ହେଲେ ବାଂଲାଦେଶ ସାଧାରଣ ନିର୍ବାଚନ ଆସନ୍ତା ବର୍ଷ ପୂର୍ବରୁ ହେବାର ସମ୍ଭାବନା ନାହିଁ। ଏବେ ଏହି ଦେଶରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ରହିଛି।

# ରାପିଡ୍ ଟାଇଟଲ୍ ଜିତିଲେ ଡି. ଗୁକେଶ

**ନୂଆଦିଲ୍ଲୀ**

ବିଶ୍ୱ ସ୍ତରରେ ଭାରତ ପାଇଁ ସୁନାମ ଆଣିଲେ ଡି. ଗୁକେଶ। ୧୯ ବର୍ଷୀୟ ବିଶ୍ୱ ଚେସ୍ ଚାମ୍ପିଅନ୍ ଡି. ଗୁକେଶ କ୍ରୋଏସିଆର ଜାଗ୍ରେବ ସହରରେ ଚାଲିଥିବା ସୁପରୟୁନାଇଟେଡ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ରାପିଡ୍ ଗେମ୍ ଜିତିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଗ୍ରାଣ୍ଡ ଚେସ୍ ଟୁର୍-୨୦୨୫ର ଏକ ଅଂଶ। ଗୁକେଶ ରାପିଡ୍ ଫର୍ମରେ ୧୮ ପଏଣ୍ଟରୁ ୧୪ ପଏଣ୍ଟ ଅର୍ଜନ କରି ଏହି ଗେମ୍ ଜିତିଛନ୍ତି। ପ୍ରଥମ ରାଉଣ୍ଡରେ ପରାଜୟ, ତା'ପରେ ୫ଟି ଲଗାତାର ବିଜୟ।

ଗୁକେଶଙ୍କ ଅଭିଯାନ ବିପର୍ଯ୍ୟୟରୁ ଆରମ୍ଭ ହୋଇଥିଲା କାରଣ ସେ ପ୍ରଥମ ରାଉଣ୍ଡରେ ପୋଲାଣ୍ଡର ଜାନ-କିଜଷ୍ଟୋଫ୍ ଡୁଡାଙ୍କଠାରୁ ପରାସ୍ତ



ହୋଇଥିଲେ। ତଥାପି ସେ ଚମତ୍କାର ଭାବରେ କମବ୍ୟାକ୍ କରିଥିଲେ। ପାଞ୍ଚଟି ଲଗାତାର ମ୍ୟାଚ୍ ଜିତିଥିଲେ। ଏହାମଧ୍ୟରୁ ବିଶ୍ୱର ନମ୍ବର ୱାନ୍ ମ୍ୟାଗନସ୍ କାର୍ଲସନଙ୍କ ବିପକ୍ଷରେ ଚତୁର୍ଥ ରାଉଣ୍ଡରେ ସବୁଠାରୁ ଚର୍ଚ୍ଚିତ ବିଜୟ ଥିଲା। ଗୁକେଶ ଶେଷ ରାଉଣ୍ଡରେ ୩୬ଟି ଚାଲରେ ଆମେରିକୀୟ ଅଭିଜ୍ଞ ୱେସ୍ଲି ସୋ'ଙ୍କୁ ପରାସ୍ତ କରି ବିଜୟ ହୋଇଛନ୍ତି। ତାଙ୍କର ଦ୍ରୁତ ରେକର୍ଡ ହେଉଛି ୬ ବିଜୟ, ୨ ଡ୍ର ଏବଂ ୧ ପରାଜୟ। - ଏହା ତାଙ୍କର ସ୍ଥିରତା ଏବଂ ଦୃଢ଼ ଖେଳର ପ୍ରମାଣ।

ମାଗନସ୍ କାର୍ଲସନ୍ ଶେଷ ଦିନ ଫାବିଆନୋ ଡି. ରୁଆନାଙ୍କ ବିପକ୍ଷରେ ବିଜୟ ସହିତ ଆରମ୍ଭ କରିଥିଲେ, କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ନୋଦିରାବେକ୍ ଅବଦୁସାତ୍ ରୋଭଙ୍କ ସହିତ ଡ୍ର କରି ସେ ଗୁକେଶଙ୍କୁ ଚ୍ୟାଲେଞ୍ଜ କରିପାରି ନଥିଲେ। ଅନ୍ୟପକ୍ଷରେ ଡୁଡା ଗୁକେଶଙ୍କୁ ପରାସ୍ତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

# ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ୧୪ ପଦକ ହାସଲ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା-୨୦୨୫ରେ ଓଡ଼ିଶା ପୋଲିସର ୩ ଜଣ ଯୁବ କ୍ରୀଡ଼ାବିତ୍ ଅଶୋକ ଦଣ୍ଡସେନା ଦୁଇଟି ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ରୌପ୍ୟ ପଦକ, ସବିତା ଟପ୍ପୋ ଗୋଟିଏ ସ୍ୱର୍ଣ୍ଣ ପଦକ, ଗୋଟିଏ ବ୍ରୋଞ୍ଜ ପଦକ ଏବଂ ସୁସ୍ମିତା ଟିଗା ଗୋଟିଏ ବ୍ରୋଞ୍ଜ ପଦକ ବିଜୟୀ ହୋଇ ଓଡ଼ିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ଗତ ଚାରି ଦିନ ମଧ୍ୟରେ ୯ଟି ସ୍ୱର୍ଣ୍ଣ ପଦକ, ୨ଟି ରୌପ୍ୟ ପଦକ ଓ ୩ଟି ବ୍ରୋଞ୍ଜ ପଦକ ବିଜୟୀ ହୋଇ ଐତିହାସିକ ସଫଳତା ଲାଭ କରିଛନ୍ତି। କନଷ୍ଟେବଳ ଅଶୋକ ଦଣ୍ଡସେନା ପୁରୁଷ ବିଭାଗ ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ଼ରେ ୨ଟି ସ୍ୱର୍ଣ୍ଣ ପଦକ ଏବଂ ୪୦୦x୪୦୦ ରିଲେରେ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କନଷ୍ଟେବଳ ସବିତା ଟପ୍ପୋ ମହିଳା ବିଭାଗ ୧୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ୪୦୦ ମିଟର ବାଧାଦୌଡ଼ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ସେହିପରି କନଷ୍ଟେବଳ ସୁସ୍ମିତା ଟିଗା ମହିଳା ବିଭାଗ ୪୦୦ ଗୁଣା୪୦୦ ରିଲେରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ୮୦୦ ମିଟର ଦୌଡ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଯୁବ ଖେଳାଳିମାନଙ୍କ ନିଷ୍ଠା, ଆଗ୍ରହ, ଦୃଢ଼ତା ଏବଂ ପରିଶ୍ରମ ଦେଶ ତଥା ରାଜ୍ୟକୁ ଗର୍ବିତ କରିଛି।

# ଗିଲ୍‌ଙ୍କୁ ୭ ଲକ୍ଷ ଟଙ୍କା ବୋନସ୍ ଦେବ ବିସିସିଆଇ

**ନୂଆଦିଲ୍ଲୀ**

ଏଜବାଷ୍ଟନ ଟେଷ୍ଟର ପ୍ରଥମ ଇନିଂସରେ ଶୁଭମନ ଗିଲ୍ ତାଙ୍କ କ୍ୟାରିୟରର ଏକ ଅବିସ୍ମରଣୀୟ ଇନିଂସ ଖେଳିଥିଲେ। ଗିଲ ପ୍ରଥମ ଥର ପାଇଁ ଟେଷ୍ଟ କ୍ରିକେଟରେ ଦ୍ୱିଶତକ ହାସଲ କରିଥିଲେ ଏବଂ ୨୬୯ ରନ କରିଥିଲେ। ଗିଲ୍ ଏହି ଇନିଂସ ସହିତ ଅନେକ ରେକର୍ଡ ଭାଙ୍ଗିଥିଲେ। ଭାରତୀୟ ଅଧିନାୟକ ଏହି ଇନିଂସ ପାଇଁ ଏକ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପାଇବେ। ପ୍ରତ୍ୟେକ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ବିସିସିଆଇ ବୋନସ୍



ଦେଇଥାଏ, ଏପରି ପରିସ୍ଥିତିରେ ବିସିସିଆଇ ଦ୍ୱିଶତକ ହାସଲ କରିବା ପାଇଁ ଶୁଭମନ ଗିଲ୍‌ଙ୍କୁ ଟଙ୍କା ମଧ୍ୟ ଦେବ।

ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ବିସିସିଆଇ କେବଳ ତା'ର ଖେଳାଳିମାନଙ୍କୁ ମ୍ୟାଚ୍ ଫିସ୍ ଦେଇନଥାଏ। ଏହି ବୋର୍ଡ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ମଧ୍ୟ ବୋନସ୍ ଦେଇଥାଏ। ବିସିସିଆଇ ଶତକ ହାସଲ କରୁଥିବା ଖେଳାଳିମାନଙ୍କୁ ୫ ଲକ୍ଷ ଟଙ୍କା ବୋନସ୍ ଦେଇଥାଏ, ଯେତେବେଳେ ଖେଳାଳିମାନେ ଦ୍ୱିଶତକ ହାସଲ କରନ୍ତି, ତେବେ ଏହି ପରିମାଣ ୭ ଲକ୍ଷ ଟଙ୍କା ହୋଇଯାଏ। ଅର୍ଥାତ ଶୁଭମନ ଗିଲ ଦ୍ୱିଶତକ ପାଇଁ ୭ ଲକ୍ଷ ଟଙ୍କା ପାଇବେ। ଯଦି ସେ ତ୍ରିଶତକ ହାସଲ କରିଥାନ୍ତେ, ତେବେ ଏହି ଖେଳାଳିଙ୍କୁ ମଧ୍ୟ ୧୦ ଲକ୍ଷ ଟଙ୍କା ମିଳିଥାନ୍ତା। ତେବେ ଯଦି ଜଣେ ବୋଲର ଗୋଟିଏ ଟେଷ୍ଟରେ ପାଞ୍ଚଟି ୱିକେଟ ନିଅନ୍ତି, ତେବେ ତାଙ୍କୁ ୫ ଲକ୍ଷ ଟଙ୍କା ମଧ୍ୟ ଦିଆଯାଏ। ବ୍ରମିଂହାମରେ ଶୁଭମନ ଗିଲ ଏଜବାଷ୍ଟନ ଟେଷ୍ଟରେ ଅନେକ ରେକର୍ଡ ଭାଙ୍ଗିଛନ୍ତି। ସେ ଇଂଲଣ୍ଡରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ଭାରତୀୟ ହୋଇଥିଲେ। ସେ ଟେଷ୍ଟ କ୍ରିକେଟରେ ଏସିଆ ବାହାରେ ୨୫୦ରୁ ଅଧିକ ରନର ଇନିଂସ ଖେଳିଥିବା ପ୍ରଥମ ଭାରତୀୟ। ସେ ଜଣେ ଭାରତୀୟ ଅଧିନାୟକ ଭାବରେ ସବୁଠାରୁ ବଡ଼ ଟେଷ୍ଟ ଇନିଂସ ଖେଳିଥିବା ଖେଳାଳି ମଧ୍ୟ ହୋଇଥିଲେ। କେବଳ ଏତିକି ନୁହେଁ, ସେ ସେନା ଦେଶଗୁଡ଼ିକରେ ଦ୍ୱିଶତକ ହାସଲ କରିଥିବା ପ୍ରଥମ ଏସୀୟ ଅଧିନାୟକ।

# ୮୬.୧୮ ମିଟର ଥ୍ରୋ, ଏନ୍‌ସି କ୍ଲାସିକ୍ ଟାଇଟଲ୍ ଜିତିଲେ ନୀରଜ ଚୋପ୍ରା

**ନୂଆଦିଲ୍ଲୀ**

ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ଓ ପୂର୍ବତନ ବିଶ୍ୱ ଚାମ୍ପିଅନ ନୀରଜ ଚୋପ୍ରା ରେକର୍ଡ କରିଛନ୍ତି। ଭାରତର ଜାଭେଲିନ୍ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା ଶନିବାର ନୀରଜ ଚୋପ୍ରା କ୍ଲାସିକ୍ (ଏନ୍‌ସି କ୍ଲାସିକ୍)ର ପ୍ରଥମ ସିଜିନର ଟାଇଟଲ୍ ଜିତିଛନ୍ତି। ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ନୀରଜ ତାଙ୍କର କ୍ରମାଗତ ତୃତୀୟ ଟାଇଟଲ୍ ଜିତିଛନ୍ତି। ଏହା ପୂର୍ବରୁ ସେ ପ୍ୟାରିସ୍ ଡାଇମଣ୍ଡ ଲିଗ୍ ଏବଂ ପୋଲାଣ୍ଡର ଓଷ୍ଟ୍ରାଭାରେ ଗୋଲ୍ଡେନ ସ୍ପାଇକରେ ଟାଇଟଲ୍ ଜିତିଥିଲେ। ନୀରଜ ତାଙ୍କର ତୃତୀୟ ପ୍ରୟାସରେ ୮୬.୧୮ ମିଟର ଦୂରତା ସହିତ ଘଡ କ୍ଲାସିକ୍ ୨୦୨୫ ଟାଇଟଲ ଜିତିଛନ୍ତି। ୨୦୨୫ ବିଶ୍ୱ ଚାମ୍ପିଅନ୍ କେନିଆର ଜୁଲିୟସ୍ ୟେଗୋ ୮୪.୫୧ ମିଟର ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ରୁମେଶ ପାଥିରାଗେ ୮୪.୩୪ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜେଏସଡବ୍ଲୁ ସ୍ପୋର୍ଟସ୍ ସହଯୋଗରେ ଏହି



ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାକୁ ଭାରତୀୟ ଆଥଲେଟିକ୍ସ ମହାସଂଘ ଦ୍ୱାରା ଅନୁମୋଦିତ କରାଯାଇଥିଲା। ନୀରଜ ଚୋପ୍ରା କ୍ଲାସିକ୍ ପ୍ରତିଯୋଗିତାରେ ସାତ ଜଣ ଶ୍ରେଷ୍ଠ ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋଅର ସମେତ ୧୨ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଚୋପ୍ରାଙ୍କ ସମେତ ପାଞ୍ଚ ଜଣ ଭାରତୀୟ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ।

# ଦ୍ୱିତୀୟ ପାଳିରେ ବି ଶତକ ହାସଲ କଲେ ଶୁଭମନ ଗିଲ୍ : ଭାଙ୍ଗିଲେ ବିରାଟଙ୍କ ରେକର୍ଡ

**ନୂଆଦିଲ୍ଲୀ**

ଦ୍ୱିତୀୟ ଭାରତୀୟ କ୍ରିକେଟର ଭାବେ ଏକ ବିରଳ ରେକର୍ଡ କଲେ ଟେଷ୍ଟ କ୍ୟାପ୍ଟେନ୍ ଶୁଭମନ ଗିଲ। ଶନିବାର ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜରେ ୫୦୦ ରନ ପୂରଣ କରି ଗିଲ ବିରାଟ କୋହଲିଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଏହି ଇନିଂସରେ ଗିଲ୍ ୭୬ ରନ କରି ଇଂଲଣ୍ଡରେ ୫୦୦ ରନ ପୂରା ହୋଇଥିଲା। କୋହଲିଙ୍କ ପରେ ଇଂଲଣ୍ଡରେ ୫୦୦ ରନ୍ କରିବାରେ ସେ ଦ୍ୱିତୀୟ ଭାରତୀୟ ଟେଷ୍ଟ ଅଧିନାୟକ ହୋଇଛନ୍ତି।

ବିରାଟ କୋହଲି ୨୦୧୮ରେ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳି ୫୯୩ ରନ୍ କରିଥିଲେ। ଇଂଲଣ୍ଡ ମାଟିରେ ଜଣେ ଭାରତୀୟ ଅଧିନାୟକ ଭାବେ ଏହା ସର୍ବାଧିକ ଟେଷ୍ଟ ସ୍କୋର ଥିଲା। ଅନ୍ୟପଟେ ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ୍ କରି ବିରାଟଙ୍କ ରେକର୍ଡ ଭାଙ୍ଗି ଦେଇଥିଲେ। ତେବେ ଶନିବାର ଚତୁର୍ଥ ଦିନରେ ବି ଗିଲ୍ ଶତକ ହାସଲ କରିଛନ୍ତି। କରୁଣ ନାୟରଙ୍କ ୱିକେଟ୍ ଯିବା ପରେ ଗିଲ୍ ଆସିଥିଲେ।

କେଏଲ୍ ରାହୁଲଙ୍କୁ ସହଯୋଗ କରି ପ୍ରଥମେ ପ୍ରଥମେ ସେ ଦୁର୍ବଳ ପ୍ରଦର୍ଶନ କରିଥିଲେ। ଏପଟେ ରାହୁଲ ଟିମ୍ ପାଇଁ ଅର୍ଦ୍ଧଶତକ ହାସଲ କରିନେଇଥିଲେ। ରାହୁଲ ଆଉଟ ହେବାପରେ ପନ୍ତ ବ୍ୟାଟିଂ କରିବାକୁ ଆସି ଭଲ ପ୍ରଦର୍ଶନ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ଲଞ୍ଚ ପୂର୍ବରୁ ୩୫୦ ଅଗ୍ରଣୀ ହାସଲ କରି ନେଇଥିଲା।

ଲଞ୍ଚ ପରେ ଇନିଂସ ପୁଣି ଆରମ୍ଭ ହେବା ପରେ ଗିଲ୍ ସର୍ଟ ବୋଲିଂ କରିବାକୁ ଚେଷ୍ଟା କରୁଥିବା ବୋଲରମାନଙ୍କୁ ଆକ୍ରମଣ କରିବା ଆରମ୍ଭ କଲେ। ଫଳରେ ଦ୍ରୁତ ଗତିରେ ରନ୍ କରି ଦୁଇଟି ବଡ଼ ଛକ୍କା ମାରି ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଗିଲ୍ ଓ ପନ୍ତ ମିଶି ଦଳୀୟ ସ୍କୋର ୪୦୦ କରିବା ପରେ ପନ୍ତଙ୍କ ୱିକେଟ୍ ଯାଇଥିଲା। ପନ୍ତଙ୍କ ସହ ୧୧୦ ରନର ପାର୍ଟନର୍ସିପ୍ ଶେଷ ହେବା ପରେ ଗିଲ୍ ଆହୁରି ସତର୍କତାର ସହ ଖେଳ ପ୍ରଦର୍ଶନ କରିଥିଲେ। ମଝିରେ ମଝିରେ ଶୋଏବ ବଶିରଙ୍କ ଉପରେ ଆକ୍ରମଣ ମଧ୍ୟ କରିଥିଲେ। ଚୌକା ମାରି ୭୦ ରନ୍ ପୂରା କରିବା ପରେ ପୁଣି ୬ ମାରି ୫୦୦ ରନ୍ କ୍ଲବ୍‌ରେ ସାମିଲ୍ ହୋଇଥିଲେ।

ଶନିବାର ଗିଲ୍ ଜବରଦସ୍ତ ପ୍ରଦର୍ଶନ କରି ଭାରତର ଟେଷ୍ଟ ଅଧିନାୟକ ଭାବରେ କୋହଲିଙ୍କ ନାଁରେ ଥିବା ଆଉ ଏକ ରେକର୍ଡ ଭାଙ୍ଗି ଦେଇଛନ୍ତି। ଭାରତୀୟ ଟେଷ୍ଟ ଅଧିନାୟକ ଭାବରେ ଗିଲ୍ ତାଙ୍କର ଡେବ୍ୟୁ ସିରିଜରେ ସର୍ବାଧିକ ରନ କରି କୋହଲିଙ୍କୁ ପଛରେ ପକାଇ ଦେଇଛନ୍ତି। କୋହଲି ୨୦୧୪/୧୫ ରେ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଡେବ୍ୟୁ ଟେଷ୍ଟ କ୍ୟାପ୍ଟେନ୍ ଭାବେ ସର୍ବାଧିକ ୪୪୯ ରନ କରି ରେକର୍ଡ କରିଥିଲେ।

**ଡେବ୍ୟୁ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ଟେଷ୍ଟ ଅଧିନାୟକ**

୫୦୦ : ଶୁଭମନ ଗିଲ ବନାମ ଇଂଲଣ୍ଡ (ବାହାରେ, ୨୦୨୫, ୪ ଇନିଂସ)
୪୪୯ : ବିରାଟ କୋହଲି ବନାମ ଅଷ୍ଟ୍ରେଲିଆ (ବାହାରେ, ୨୦୧୪/୧୫, ୪ ଇନିଂସ)
୩୪୭ : ବିଜୟ ହଜାରେ ବନାମ ଇଂଲଣ୍ଡ (ହୋମ୍, ୧୯୫୧/୫୨, ୭ ଇନିଂସ)
୩୧୯ : ନାରି କଣ୍ଟ୍ରାକ୍ଟର ବନାମ ପାକିସ୍ତାନ (ହୋମ୍, ୧୯୬୦/୬୧, ୬ ଇନିଂସ)
୩୦୫ : ଦିଲୀପ ଭେଙ୍ଗସରକାର ବନାମ ପଶ୍ଚିମ ଦିଗକୁ (ହୋମ୍, ୧୯୮୭/୮୮, ୫ ଇନିଂସ)
୩୦୩ : ମହମ୍ମଦ ଆଝାରୁଦ୍ଦିନ ବନାମ ନ୍ୟୁଜିଲ୍ୟାଣ୍ଡ (ବାହାରେ, ୧୯୮୯/୯୦, ୪ ଇନିଂସ)

## ନିୟମିତ ୯୦+ ଥ୍ରୋ ପାଇଁ ଅଧିକ ନିୟନ୍ତ୍ରଣ ଆବଶ୍ୟକ : ନୀରଜ



**ବେଙ୍ଗାଲୁରୁ**

ନିରନ୍ତର ଭାବେ ୯୦+ ମିଟର୍ ଥ୍ରୋ କରିବାକୁ ହେଲେ ଅଧିକ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଆଭ୍ୟନ୍ତରୀଣ ମାଂସପେଶୀ ଉପରେ ଅଧିକ କାମ କରିବା ସହ ଟେକ୍‌ନିକ୍‌କୁ ବି ଶାଣିତ କରିବାକୁ ହେବ। ଏଭଳି ଅନୁଭବ କରିଛନ୍ତି ଡବଲ୍ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା। ନିଜ ନାମରେ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ହେବାକୁ ଯାଉଥିବାରୁ ସେ ଏଥି ପାଇଁ ଅତ୍ୟନ୍ତ ଗର୍ବିତ ହୋଇଛନ୍ତି।

# ମାଡ୍ରାସ ପ୍ରେସିଡେନ୍ସି ଦ୍ୱାରା ସୀମା ନିର୍ଦ୍ଧାରିତ : କୋଟିଆରେ ଗିଲ୍‌ବିଙ୍କ 'କାଏନ୍-ପଥର' ଠାବ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷର ବିବାଦୀୟ ଓଡ଼ିଶା-ଆନ୍ଧ୍ର ସୀମାନ୍ତ କୋଟିଆ ଅଂଚଳକୁ ନେଇ ନୂଆ ଆବିଷ୍କାର ହୋଇଥିବା ଜଣାଯାଇଛି। କୋଟିଆ ସୀମା ବିବାଦର ଅସଲ କାରଣ ଏବେ ପଦାକୁ ଆସିଥିବା ଜଣାଯାଇଛି। ମାଡ୍ରାସ୍ ପ୍ରେସିଡେନ୍ସି ସମୟରେ ସୀମା ଚିହ୍ନଟ କାମରେ ନିୟୋଜିତ ସର୍ବେକ୍ଷଣ ଓ ଜମି ରେକର୍ଡର ସହକାରୀ ନିର୍ଦ୍ଦେଶକ ଏଚ୍‌ଏସ୍ ଗିଲ୍‌ବିଙ୍କ 'କାଏନ୍-ପଥର' ଏହି ବିବାଦର ଅନ୍ତ ଘଟାଇବାରେ ସାହାଯ୍ୟ କରିବ। କୋଟିଆ ଆଦିମ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅବସରରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି ଆମ କୋଟିଆ ସଂଗଠନ ଆବାହକ ତଥା ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା। ସେ କହିଛନ୍ତି, ଭ୍ରମାତ୍ମକ ରିପୋର୍ଟ ଯୋଗୁ କୋଟିଆର ୨୧ଟି ଗ୍ରାମପୁଞ୍ଜକୁ ନେଇ ୨ଟି ରାଜ୍ୟ ମଧ୍ୟରେ ଦୀର୍ଘ ୮୨ ବର୍ଷ ହେଲା ବିବାଦ ଲାଗିଛି। ମାଛକୁଣ୍ଡରୁ ଆରମ୍ଭ କରି ବବ୍‌ଲି ସୀମା ପର୍ଯ୍ୟନ୍ତ ୧ରୁ ୩୧୮ କାଏନ ପାହାଡ଼ ଶୀର୍ଷରେ ପଥରକୁ ଥାକଥାକ କରି ଚିହ୍ନ ଦେବା ପଥର ରହିଥିବା ଜଣାଯାଇଛି। ସେଥିମଧ୍ୟରୁ ଗୋଟିଏ କାଏନ୍ କୋଟିଆ ଗାଁ ନିକଟ ପାହାଡ଼ ଉପରେ ରହିଛି। ଏହି ପଥରରେ 'ଓ'/'ଏମ୍' ଓଡ଼ିଶା, ମାଡ୍ରାସ୍) ଉଲ୍ଲେଖ ରହିଥିବା ଜଣାଯାଇଛି। ନିକଟରେ ଏହି ସ୍ଥାନ ଚିହ୍ନଟ ହୋଇଥିବା ଜଣାଯାଇଛି। କାଏନ୍ ପଥର ଆନ୍ଧ୍ରର ବବ୍‌ଲି ସୀମା ପର୍ଯ୍ୟନ୍ତ ରହିଛି। ସେଭଳି ଦେଖିବାକୁ ଗଲେ ବବ୍‌ଲି ମଧ୍ୟ ଓଡ଼ିଶାର ହେବ। ତେଣୁ କୋଟିଆକୁ ନେଇ ଅଯଥାରେ ବିବାଦ ସୃଷ୍ଟି ହେବାର କୌଣସି କାରଣ ନାହିଁ। ତାହା ଓଡ଼ିଶା ଭିତରେ ରହିଛି। କେବେ ଆନ୍ଧ୍ରରେ ନଥିଲା। ଶ୍ରୀ ପରିଡ଼ା ଆହୁରି କହିଛନ୍ତି, ଗିଲ୍‌ବି ସାହେବଙ୍କ ୩୧୮ଟି କାଏନ ବିଷୟରେ ଅନେକ ଜାଣି ନଥିବେ। ଗିଲ୍‌ବିଙ୍କ ଏହି ସୀମା ନିର୍ଦ୍ଧାରଣ କାଏନ୍ କଥାକୁ ଆଜି ପର୍ଯ୍ୟନ୍ତ ସମସ୍ତେ ଅଣଦେଖା କରିଆସିଛନ୍ତି। ୧୯୩୬ରେ ରାଜ୍ୟ ଗଠନ ବେଳେ ସରଜମିନ୍‌ରେ ଓଡ଼ିଶା ଓ ମାଡ୍ରାସର ସୀମା ନିର୍ଦ୍ଧାରଣ ପାଇଁ ମାଡ୍ରାସ ପ୍ରେସିଡେନ୍ସିକୁ ଓଡ଼ିଶା ସରକାର ଅନୁରୋଧ କରିଥିଲେ। ଗେଜେଟିୟର ବର୍ଣ୍ଣନା ମୁତାବକ, ସେ ତାଙ୍କ ଦଳବଳ ନେଇ ୧୯୪୨ରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ମାଛକୁଣ୍ଡ ନଦୀକୂଳରୁ କାଏନ ନମ୍ବର-୧ରୁ ସୀମା ନିର୍ଦ୍ଧାରଣ ଆରମ୍ଭ ହୋଇଥିଲା। ଏହା ଜୟପୁର ଜମିଦାରୀ, ସାଲୁର ଜମିଦାରୀ ଓ ବବ୍‌ଲି ଜମିଦାରୀ ଅଞ୍ଚଳର ସନ୍ଧିରେ ତ୍ରିସିମାଳି (ତିନୋଟି ସ୍ଥାନର ସନ୍ଧି) ପଥର ରଖାଯାଇଥିଲା। ତାହା ୩୧୮ ନମ୍ବର କାଏନ ଭାବରେ ଚିହ୍ନଟ କରାଯାଇଥିଲା। ଏଥିମଧ୍ୟରୁ ଗୋଟିଏ କାଏନ୍ କୋଟିଆ ନିକଟ ପାହାଡ଼ରେ ଠାବ କରାଯାଇଛି। ଯାହା ତତ୍କାଳୀନ କୋରାପୁଟ କଲେକ୍ଟର ସାର ଆରସିଏସ୍ ବେଲଙ୍କ ୧୯୪୫ ଗେଜେଟିୟରର ସ୍କେଲେଟନ ମ୍ୟାପ୍‌ରେ ସ୍ଥାନିତ ହୋଇଛି। କୋଟିଆ ନିକଟ ପାହାଡ଼ରେ ଥିବା ଏହି କାଏନ୍‌ରେ ତୀର ଚିହ୍ନଟି ମାଡ୍ରାସ ଓ ଓଡ଼ିଶାର ଆନୁମାନିକ ସୀମାକୁ ଦର୍ଶାଇଛି। ଇଂରାଜୀରେ 'ଓ' ଏବଂ 'ଏମ୍' ଅକ୍ଷର ଯଥାକ୍ରମେ ଓଡ଼ିଶା ଓ ମାଡ୍ରାସ ବୋଲି ସୂଚାଉଛି ଏହି କାଏନ। ପ୍ରମାଣିତ କରୁଛି ଯେ, ଗିଲ୍‌ବି ହୁଏତ କାଏନ୍ ରଖାଯିବା ବେଳେ ପାଖକୁ ଯାଇ ନ ଥିଲେ। ତେଣୁ ସେତେବେଳେ କୋଟିଆ ଗାଁ ମାଡ୍ରାସ୍ ପଟକୁ ରହିଛି ବୋଲି ଉଚ୍ଚ ଅଧିକାରୀଙ୍କ ନିକଟରେ ମିଛ କହିଥିଲେ। ସେ ସର୍ଭେ କରି ନଥିଲେ। ବିବେକର ଦଂଶନରେ ସୀମା ଚିହ୍ନଟ ହୋଇଥିବା କହି ନିଜ ସ୍ୱାକ୍ଷର ଦେଇଥିଲେ ବୋଲି ଶ୍ରୀ ପରିଡ଼ା କହିଛନ୍ତି। ତାଙ୍କ ଯୋଗୁ ସୀମା ବିବାଦର ସୂତ୍ରପାତ ହୋଇଛି। ଏକଥା ଖୁବ୍ କମ୍ ଲୋକ ଜାଣିଥିବେ। ଅନ୍ୟପକ୍ଷରେ ୧୯୪୩ ମସିହାରେ ତତ୍କାଳୀନ ଓଡ଼ିଶା ସରକାର ବିନା ଯାଞ୍ଚରେ ଏହାକୁ ଗ୍ରହଣ କରି ନେଇଥିଲା। ସବୁଠାରୁ ଦୁଃଖର କଥା ଦୀର୍ଘ ୮୨ ବର୍ଷରେ କୌଣସି ସରକାର ଏହାକୁ ସରଜମିନ ଯାଞ୍ଚ କରିବା ପାଇଁ ଆଗ୍ରହ ପ୍ରକାଶ କରିନାହାନ୍ତି। ବର୍ତ୍ତମାନ ରାଜ୍ୟ ସରକାର ୩୧୮ ନମ୍ବର କାଏନ୍ କେଉଁଠି ରହିଛି ଜାଣିବାକୁ ଚେଷ୍ଟା କରନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବବ୍‌ଲି, ସାଲୁର ଏବଂ ଜୟପୁର ଜମିଦାରୀର ତ୍ରିସିମାଳି ପଥର କେଉଁଠି ରହିଛି ତାହା ଜାଣିଲେ ସୀମା ବିବାଦ ରହିବ ନାହିଁ। ସବୁକିଛି ସ୍ପଷ୍ଟ ହୋଇଯିବ। ସେ ଆହୁରି କହିଛନ୍ତି, ଯଦି ଗିଲ୍‌ବି ରିପୋର୍ଟକୁ ସିଦ୍ଧାନ୍ତ ଭାବେ ଧରାଯିବ ତେବେ ୩୧୮ ନମ୍ବର କାଏନ ଆନ୍ଧ୍ରର ବବ୍‌ଲି ନିକଟରେ ରହିଛି। ତେଣୁ ବବ୍‌ଲି ପର୍ଯ୍ୟନ୍ତ ଓଡ଼ିଶାର ସୀମା ରହିବା କଥା। ୧୯୪୫ ମସିହାରେ ଆରସିଏସ୍ ବେଲ୍‌ଙ୍କ ଦ୍ୱାରା ପ୍ରସ୍ତୁତ ମାନଚିତ୍ରରେ ପଟ୍ଟାଙ୍ଗି-ତାଡ଼ିବାଲାସା ଶଗଡ଼ ରାସ୍ତା କୋରାପୁଟ ତଥା ଓଡ଼ିଶାର ବୋଲି ଦର୍ଶାଯାଇଛି। ଏହାକୁ ସରକାର ଗ୍ରହଣ କରିବା ଆବଶ୍ୟକ। ପ୍ରଥମେ ଓଡ଼ିଶା ଗଠନ ହୋଇଥିଲା। ୧୯୪୫ ରେ ଆନ୍ଧ୍ର ଗଠନ ହୋଇ ନଥିଲା। ସେତେବେଳେ ମାଡ୍ରାସ୍ ଷ୍ଟେଟ୍ ଥିଲା। ଏସବୁକୁ ପ୍ରମାଣ ବୋଲି ଧରାଗଲେ ସୀମାର ଅନେକ ଅଞ୍ଚଳକୁ ଆନ୍ଧ୍ର ଜୋରଜବରଦସ୍ତି ଦଖଲ କରି ରଖିଛି। ଏସବୁ ଅଞ୍ଚଳକୁ ଓଡ଼ିଶାକୁ ଫେରାଇ ଆଣିବାର ସମୟ ଆସିଛି ବୋଲି ଆମ କୋଟିଆ ସଂଗଠନ କହିଛି। ପ୍ରକାଶ ଥାଉ କି, ୩ ଦିନ ତଳେ କୋଟିଆ ରଥଯାତ୍ରାରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ୫ ମନ୍ତ୍ରୀ ଯୋଗଦେଇ କୋଟିଆ ପ୍ରସଙ୍ଗରେ ଆଗ୍ରହ ପ୍ରକାଶ କରିଥିଲେ। ଖୋଦ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କୋଟିଆକୁ ନେଇ ଏହା ଓଡ଼ିଶାର ବୋଲି ସ୍ପଷ୍ଟ କରିଥିଲେ।

## ଭାରତୀୟ ନୌସେନାରେ ପ୍ରଥମ ମହିଳା ଫାଇଟର ପାଇଲଟ ହେଲେ ଆସ୍ଥା ପୁନିଆ

**ନୂଆଦିଲ୍ଲୀ**

ଶତ୍ରୁର ନିଦ ହଜିବ। ନାରୀଶକ୍ତିର ପ୍ରହାରରେ ଥରିବ ଶତ୍ରୁଦେଶ। ଭାରତୀୟ ନୌସେନାରେ ପ୍ରଥମ ମହିଳା ଫାଇଟର ଜେଟ୍ ପାଇଲଟ୍ ହେଲେ ସବ୍ ଲେଫ୍ଟନାଣ୍ଟ ଆସ୍ଥା ପୁନିଆ। ଲଢୁଆ ବିମାନର ସଫଳ ପ୍ରଶିକ୍ଷଣ ପରେ ତାଙ୍କୁ ୱିଙ୍ଗ୍ ଅଫ୍ ଗୋଲ୍ଡ ପ୍ରଦାନ କରାଯାଇଛି। ଏବେ ନୌସେନାର ହକ୍ ପରି ଯୁଦ୍ଧ ବିମାନ ଉଡାଇବେ ଆସ୍ଥା। ପ୍ରତିରକ୍ଷା କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ। ଆସ୍ଥା ପୁନିଆଙ୍କୁ ୱିଙ୍ଗ୍ ଅଫ୍ ଗୋଲ୍ଡ-ଲଢୁଆ ବିମାନର ସଫଳ ପ୍ରଶିକ୍ଷଣ ପରେ ଆସ୍ଥା ପୁନିଆଙ୍କୁ 'ୱିଙ୍ଗ୍ ଅଫ୍ ଗୋଲ୍ଡ' ସମ୍ମାନ ପ୍ରଦାନ କରାଯାଇଛି ଯାହା ନୌସେନାର ଫାଇଟର ପାଇଲଟ ହେବାର ପ୍ରତୀକ। ଏହି ସମ୍ମାନ ତାଙ୍କୁ ରିୟର ଆଡମିରଲ ଜନକ ବେବଲି, ସହାୟକ ନୌସେନା ଷ୍ଟାଫଙ୍କ ପକ୍ଷରୁ ଆଇଏନଏସ ଡେଗା, ବିଶାଖାପଟନମରେ ପ୍ରଦାନ କରାଯାଇଛି। ଏବେ ଆସ୍ଥା ଭାରତର ଲଢୁଆ ବିମାନ ଗସଏ-୨୯କ କିମ୍ବା ରାଫେଲ ପରି ଫାଇଟର ଜେଟ୍ ଉଡ଼ାଇପାରନ୍ତି। ଆସ୍ଥାଙ୍କ ସହିତ ଅତୁଲ କୁମାର ଧୁଲଙ୍କୁ ମଧ୍ୟ ୱିଙ୍ଗ୍ ଅଫ୍ ଗୋଲ୍ଡ ପ୍ରଦାନ କରାଯାଇଛି।

A-368

GOVT. OF ODISHA
OFFICE OF THE SUPERINTENDING ENGINEER
MAHANADI BARRAGE DIVISION, CUTTACK
Phone NO. 0671-2440118
Email-eembarragedivnctc@gmail.com
e PROCUREMENT NOTICE NO. -09/ (MBD 50) /2025-26

| | | |
|---|---|---|
| 1. Name of work | : | **Providing staff for operation** (Gate Operator, Electrician, Generator Operator, Gauge Reader and Gantry Operator) of Mahanadi, Birupa & Naraj Barrage |
| 2. Total No. of works | : | **01 (One) No. of work.** |
| 3. Tender Cost | : | **19.12 lakhs. (Approx.)** |
| 4. Mode of Payment of EMD(Bid Security) & Bid Cost | : | The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt, of Odisha **WDOM NO.17254/W dtd.05.12.2017 as mentioned in DTCN.** |
| 5. Period of completion | : | **220 Days** |
| 6. Other details as follows | | |
| i) Procurement Officer | : | **Superintending Engineer,** Mahanadi Barrage Division, Cuttack. |
| ii) Availability of Tender online for Bidding | : | **05.07.2025 from 10.00 A.M to 14.07.2025 up to 5.00 P.M.** |
| iii) Date, Time & Venue of opening of Bid through Online | : | **Dtd.15.07.2025 -10.00 A.M.** for Technical Bid , in the Office of the Superintending Engineer, Mahanadi Barrage Division, Cuttack. |
| iv) Date of Transparent Lottery to be Conducted (if required) | : | **On 17.07.2025 at 11.30 P.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack.** |

(Bidders shall furnish their present e-mail id, address and Telephone No. for further correspondence)

Further details can be seen from the Govt, web site www.tendersodisha.gov.in.

Sd/- Superintending Engineer
Mahanadi Barrage Division, Cuttack

OIPR-32477/11/0017/2526

A-365

**ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର**

**ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା : ACEDC-CTC-03/2025-26**

୧. କାର୍ଯ୍ୟର ନାମ : ମୋଟ ୦୮ (ଆଠ) ଗୋଟି ଜଳନିକାସ କାର୍ଯ୍ୟ।
୨. ଅଟକଳ ମୂଲ୍ୟ : ୧୭୩.୯୪ ଲକ୍ଷ ଟଙ୍କାରୁ ୪୮୬.୩୦ ଲକ୍ଷ ଟଙ୍କା ଯାଏଁ।
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି : ୧୧ (ଏଗାର) ମାସରୁ ୧୮ (ଅଠର) ମାସ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ୍ ମିଳିବାର ଦିନ ଓ ସମୟ : ତା.୦୮.୦୭.୨୦୨୫ ର ୧୨.୦୦ ଘଣ୍ଟାରୁ ତା.୨୨.୦୭.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ : ତା. ୨୨.୦୭.୨୦୨୫ ର ୧୮.୦୦ ଘଣ୍ଟା।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା : ଗଣ୍ଡରପୁର, କଟକ-୭୫୩୦୦୩; ଇ-ମେଲ : sedrainagecirclectc@gmail.com

ଅଧିକ ବିବରଣୀ ପାଇଁ ଇଂ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ। ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ।

ସ୍ୱା/- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ କଟକ

OIPR-32174/11/0029/2526

# ୧୧ରେ 'ସମ୍ବିଧାନ ବଞ୍ଚାଅ ସମାବେଶ' ପାଇଁ କଂଗ୍ରେସର ଭୁବନେଶ୍ୱର ଚାଲ ଡାକରା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଂଯୋଜକ ନଟବର ବାରିକଙ୍କ ସଭାପତିତ୍ୱରେ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା 'ସମ୍ବିଧାନ ବଞ୍ଚାଅ ସମାବେଶ' ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ବର୍ଷୀୟାନ କଂଗ୍ରେସ ନେତା, ପୂର୍ବତନ ସରପଞ୍ଚ ମୁରଲୀଧର ରଥଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଥିଲା। ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାରେ ରାଜ୍ୟ ସରକାରଙ୍କ ବିଫଳତା ଆଦି



ପ୍ରତିବାଦରେ ଆସନ୍ତା ଜୁଲାଇ ମାସ ୧୧ ତାରିଖ ଦିନ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ କେ.ସି. ବେନୁଗୋପାଳ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉପସ୍ଥିତ ନେତୃମଣ୍ଡଳୀ ଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ବରିଷ୍ଠ କଂଗ୍ରେସ ନେତା ରୋହିତ କୁମାର ସେଠୀ, ଅଭୟ କୁମାର ମହାନ୍ତି, ମାନସ କୁମାର ରଥ, ବିକ୍ରମ ପରିଡ଼ା, ବିରେନ କୁମାର ଦଳେଇ, ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, କେଦାର ବିଶ୍ୱାଳ, ସୌମ୍ୟଜିତ ଦାଶ, ଦୀପ୍ତିରାଣୀ ପ୍ରଧାନ, ରୁପଶ୍ରୀ ରାଗିଣୀ ଦାସ, ସମିର ଖୁଣ୍ଟିଆ, ମନୋରଞ୍ଜନ ଜେନା, ୟମତିୟାତ ଅହମ୍ମଦ ଖାଁ, ସୁବ୍ରତ କୁମାର ରାୟ, ମନୋଜ ଦାଶ, କୃଷ୍ଣଚନ୍ଦ୍ର ପ୍ରଧାନ, କିଶୋର ପଟ୍ଟନାୟକ, ପ୍ରିତମ ପରିଜା, ହିଫଜୁଲ୍ ରହେମାନ, ଅବନୀକାନ୍ତ ମହାରଣା, ବିଶ୍ୱଜିତ ପୋଥାଳ, ପ୍ରମୋଦ ସାହୁ, ଦିଲ୍ଲିପ କୁମାର ମହାନ୍ତି, ଆର୍ଶୀବାଦ ତ୍ରିପାଠୀ, ସୌମ୍ୟରଞ୍ଜନ ମହାନ୍ତି, ଜ୍ଞାନ ରଞ୍ଜନ ଜେନା, ପ୍ରତାପ କୁମାର ମହାନ୍ତି, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଦିଲ୍ଲିପ ମହାଳ, ଦିପକ ପାଲ, ସୁକାନ୍ତ କୁମାର ମହାପାତ୍ର, ସୌମ୍ୟ ରଂଜନ ରାଉତ, ମଳୟ କୁମାର ଦାସ, ସାଫି ଆଜମ୍, ସ୍ୱରୁପ କାନୁନଗୋ, ସରୋଜ କୁମାର ପ୍ରଧାନ, ସରୋଜ ମହାପାତ୍ର, ଅମରେନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ମହାଳି, ପଙ୍କଜ କୁମାର ପଣ୍ଡା, ଈଶ୍ୱର ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ, ଉମେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବାକୁ ନିଜ ନିଜ ମତାମତ ପ୍ରଦାନ କରିଥିଲେ।





# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁଙ୍କ ସୁନାବେଶ

**ବାରିପଦା, ନ୍ୟୁଜ ବ୍ୟୁରୋ**



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପରମ୍ପରା ଅନୁଯାୟୀ ଆଜି ତିନି ଠାକୁର ସୁନାବେଶରେ ମାଉସୀ ମା' ମନ୍ଦିରର ଆଡପ ମଣ୍ଡପରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଏହାକୁ ଦ୍ୱାରିକା ବେଶ ବା ରାଜା ରାଜେଶ୍ୱର ବେଶ ମଧ୍ୟ କୁହାଯାଇଥାଏ । ରାଜା ରାଜୁଡା ଅମଳରୁ ମହାପ୍ରଭୁଙ୍କର ରହିଥିବା ସ୍ୱର୍ଣ୍ଣ ଅଳଙ୍କାରରେ ସେବାୟତ ମାନେ ସକାଳ ନିତି ପରେ ତିନିଠାକୁରଙ୍କୁ ସଜେଇ ଦେବା ପରେ ଭକ୍ତମାନେ ଧାଡିରେ ଯାଇ ମହାପ୍ରଭୁଙ୍କର ଏହି ଦେବ ଦୁର୍ଲଭ ବେଶ ଦର୍ଶନ କରିଥିଲେ । ସେହିପରି ବେଶ ଦର୍ଶନ ପରେ ଅଁଳାଭେଟି ନିତି, ରଥ ଚକାଛଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଅପରାହ୍ନରେ ଠାକୁର ମାନଙ୍କୁ ଦକ୍ଷିଣ ଦ୍ୱାର ଦେଇ ବାହୁଡ଼ା ପହଣ୍ଡିରେ ନିଆଯାଇ ରଥାରୁଢ଼ କରାଯାଇଥିଲା । ତେବେ ବାହୁଡା ଯାତ୍ରା ପାଇଁ ପ୍ରଥମେ ରଥ ଗୁଡିକର ଦକ୍ଷିଣ ମୋଡ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ରଥକୁ ନବୁଲାଇ କେବଳ ସିଂହାସନ, ଚାରମାଳ, ଗରୁଡ଼ ଓ ଅନ୍ୟାନ୍ୟ ରଥ ଦେବାଦେବୀଙ୍କୁ ଶ୍ରୀମନ୍ଦିର ମୁଖା କରାଯାଇ ଥିଲା । ଶନିବାର ପହଣ୍ଡି ପରେ ଠାକୁର ମାନେ ଯିଏ ଯାହାର ରଥରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଭକ୍ତମାନେ ବିଳମ୍ବିତ ରାତିପର୍ଯ୍ୟନ୍ତ ରଥ ଉପରେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ରବିବାର ଅପରାହ୍ନ ୨ଟା ୩୦ମିନିଟରେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ସୁଭଦ୍ରାଙ୍କ ଦର୍ପଦଳନ ରଥ ଅଧାବାଟ ଅର୍ଥାତ ଟାଉନଥାନା ପର୍ଯ୍ୟନ୍ତ ଟଣାଯିବ । ପୁଣି ସୋମବାର ଅନ୍ତିମ ଦିନର ବାହୁଡ଼ା ଯାତ୍ରାରେ ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବ ବୋଲି ଜଣାଯାଇଛି । ତେବେ ରଥଯାତ୍ରା ପାଇଁ ରଥ ଦାଣ୍ଡରେ ଭକ୍ତଙ୍କ ସମାଗମ ଲାଗିରହିଛି । ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି ।

# ଜିନ୍ଦଲ ନଗରରେ ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଲା ବାହୁଡ଼ା ଯାତ୍ରା

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**



ଦେବଭୂମି ଜିନ୍ଦଲ ନଗରରେ ବାହୁଡ଼ା ଯାତ୍ରା ବେଶ ଆଧାତ୍ମିକ ଓ ଭକ୍ତି ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତୀ, ବଡ଼ଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନ ଗୁଣ୍ଡିଚା ମନ୍ଦିରରୁ ଦେବଭୂମି ସ୍ଥିତ ଶ୍ରୀ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ପ୍ରଥମ ସେବକ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ରରୁ ୩ଥର ନିର୍ବାଚିତ ହୋଇଥିବା ସାଂସଦ ଶ୍ରୀ ନବୀନ ଜିନ୍ଦଲଙ୍କ ପତ୍ନୀ ଶ୍ରୀମତି ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ଛେରାପହଁରା ଓ ପହଣ୍ଡି ନୀତି ତୁଲାଇ ଥିଲେ । ଏହା ପୂର୍ବରୁ ବଡ଼ି ଭୋର ୫ଟା ସମୟରେ ମନ୍ଦିରର ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆରତୀ, ମଇଲମ, ତଡ଼ପ ଲାଗି, ଅବକାଶ ନୀତି ଏବଂ ଅନ୍ୟାନ୍ୟ ନୀତିକାନ୍ତି ମନ୍ଦିରର ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା । ବାହୁଡ଼ା ଯାତ୍ରା ଅବସରରେ ଜିନ୍ଦଲ ନଗର ବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମ ଗୁଡ଼ିକରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା । ଭକ୍ତମାନେ ଶ୍ରୀ ଜଗନ୍ନାଥ,ଭଉଣୀ ସୁଭଦ୍ରା ଏବଂ ବଡ ଭାଇ ବଳଭଦ୍ରଙ୍କ ରଥ ଗୁଡ଼ିକୁ ଉତ୍ସାହ ଉଦ୍ଦୀପନାର ସହ ଟାଣି ଥିଲେ ।

ଚତୁର୍ଦ୍ଧାମୂର୍ତ୍ତୀ ଆସନ୍ତା ତିନି ଦିନ ଯାଏ ରଥ ଉପରେ ରହିବେ । ରବିବାର, ସୋମବାର ଓ ମଙ୍ଗଳବାର ଯଥାକ୍ରମେ ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ନୀତି ସମ୍ପନ ହେବ । ଏହି ତିନି ଦିନ ଧରି ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ଓ ଆର୍ଶୀବାଦ ଲାଭ କରିପାରିବେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମେଗା ପାଇପ ଜଳ...

ଦୃଷ୍ଟିକୋଣରୁ ସେବା-ବିତରଣ ମୂଳକ ମଡେଲକୁ ପରିବର୍ତ୍ତନ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ କମିଟି ତରଫରୁ ସଂସ୍ଥାଗତ ପୁନର୍ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଦକ୍ଷ, ଉତ୍ତରଦାୟୀ ଓ ନିରନ୍ତରତା ଭିତ୍ତିରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ନିମନ୍ତେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଜାତୀୟ ସ୍ତରରେ ଅବଲମ୍ବନ କରାଯାଉଥିବା ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଅଧ୍ୟୟନ କରାଯାଇ ତଦନୁସାରେ ବିଭାଗରେ ରହିଥିବା ସଂସ୍ଥାଗତ ଗଠନାତ୍ମକ ପୁନର୍ବିନ୍ୟାସ କରିବାକୁ ପ୍ରସ୍ତାବ ଦିଆଯିବା ନେଇ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶକ୍ତି ଆଦି ସଂପୃକ୍ତ ବିଭାଗର ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ବୈଷୟିକ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବିଆଇଏସ୍ ସାର୍ଟିଫାଏଡ଼ ...

ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଆଗକୁ ଚଢ଼ଉ ଜୋରଦାର ହେବ । ଦେଶରେ ବର୍ତ୍ତମାନ ୨୧ କୋଟିରୁ ଅଧିକ ଦୁଇ ଚକିଆ ଯାନ ଗଡୁଛି । ଅନେକ ଯାତ୍ରୀ ବିଆଇଏସ୍ ସାର୍ଟିଫାଏଡ଼ ହେଲମେଟ୍ ବ୍ୟବହାର ନ କରି ରାସ୍ତା କଡରେ ମିଳୁଥିବା ଚାଲୁ ହେଲମେଟ୍ ବ୍ୟବହାର କରିବା ଦ୍ୱାରା ଦୁର୍ଘଟଣା ସମୟରେ ମୂଲ୍ୟବାନ ଜୀବନ ହରାଉଛନ୍ତି । ତେଣୁ ଗ୍ରାହକମାନଙ୍କ ସୁବିଧା ପାଇଁ ବିଆଇଏସ୍ କେୟାର ଆପ୍ ଏବଂ ବିଆଇଏସ୍ ପୋର୍ଟାଲରେ ଏକ ବ୍ୟବସ୍ଥା କରାଯାଇଛି । ଯାହା ଦ୍ୱାରା ହେଲମେଟ ନିର୍ମାତା ଲାଇସେନ୍ସପ୍ରାପ୍ତ କି ନାହିଁ ତାହା ଯାଞ୍ଚ କରାଯାଇପାରିବ ଏବଂ ବ୍ୟବହାରକାରୀ ବିଆଇଏସ୍ କେୟାର ଆପ୍‌ରେ ଅଭିଯୋଗ ଦାଖଲ ମଧ୍ୟ କରିପାରିବେ ।

## ମୌସୁମୀ ସକ୍ରିୟ...

କୁହାଯାଇଛି ଯେ ରବିବାର ସକାଳ ସାଢେ ୮ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡ଼ିକରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବିଜୁଳି ମାରିବାର ସମ୍ଭାବନା ରହିଛି । ତେବେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ଦେବଗଡ଼, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗିର, କନ୍ଧମାଳ ଓ ନୂଆପଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି ।

## ହ୍ରାସ ପାଉଛି ...

ଡଲାରରୁ କମ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୨୦୧୧ରେ ୨୭%ରୁ ୨୦୨୨ରେ ୫.୩%କୁ ହ୍ରାସ ପାଇଛି । ଏହାର ଅର୍ଥ ମାତ୍ର ୧୦ ବର୍ଷରେ ପ୍ରାୟ ୨୬୯ ନିୟୁତ ଲୋକ ଅତ୍ୟଧିକ ଦାରିଦ୍ର୍ୟରୁ ମୁକ୍ତି ପାଇଥିଲେ । ଏହା ଏକ ଉଲ୍ଲେଖନୀୟ ପରିବର୍ତ୍ତନକୁ ସୂଚାଉଛି । ମାତ୍ର ଭାରତରେ ଦିନକୁ ୩ ଡଲାରରୁ କମ ଅର୍ଥରେ ଜୀବନଯାପନ କରିବାର ଅର୍ଥ କଣ ତାହା ପ୍ରଥମେ ବୁଝିବା ଆବଶ୍ୟକ । ଦାରିଦ୍ର୍ୟ ହାରକୁ ମାପିବା ପାଇଁ ବିଶ୍ୱ ବ୍ୟାଙ୍କ ବଜାର ବିନିମୟ ହାର ବ୍ୟବହାର କରେ ନାହିଁ, ଯାହା ମୁଦ୍ରାସ୍ଫୀତି ଏବଂ ମୁଦ୍ରା ପରିବର୍ତ୍ତନ ସହିତ ଭିନ୍ନ ହୁଏ । ଏହା ବଦଳରେ, ବିଶ୍ୱ ବ୍ୟାଙ୍କ କ୍ରୟ ଶକ୍ତି ସମାନତା (ପିପିପି) ହାର ବ୍ୟବହାର କରେ, ଯାହା ପ୍ରତ୍ୟେକ ଦେଶରେ ଏକ ଡଲାର କେତେ କିଣିପାରିବ ତାହା ପ୍ରତିଫଳିତ କରିଥାଏ । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ସଦ୍ୟ ତଥ୍ୟ ଅନୁଯାୟୀ, ୨୦୨୫ରେ ଭାରତର ପିପିପି ବିନିମୟ ହାର ପ୍ରତ୍ୟେକ ଅନ୍ତର୍ଜାତୀୟ ଡଲାର ପାଇଁ ପ୍ରାୟ ୨୦.୬୬ ଟଙ୍କା । ଏହାର ଅର୍ଥ ହେଉଛି ଦିନକୁ ୩ ଡଲାର ପ୍ରତି ବ୍ୟକ୍ତି ପ୍ରାୟ ୬୨ ଟଙ୍କା ହୋଇଥାଏ । ତେବେ ଏଠାରେ ପ୍ରଶ୍ନ ଉଠୁଛି, ପ୍ରତିଦିନ ମାତ୍ର ୬୨ ଟଙ୍କା ଆୟରେ ଘର ଭଡ଼ା, ଖାଦ୍ୟ, ଶିକ୍ଷା, ଔଷଧ ଓ ଅନ୍ୟ ଖର୍ଚ୍ଚ ଉଠିବା କଣ ସମ୍ଭବ କି? ବର୍ତ୍ତମାନର ଜୀବନଯାପନ ଖର୍ଚ୍ଚ ତୁଳନାରେ ୬୨ ଟଙ୍କା ପ୍ରତି ଦିନ ସୀମା ବହୁ କମ୍ । ମୌଳିକ ଜୀବନଯାପନ ପାଇଁ ସର୍ବନିମ୍ନ ସୀମା ବିଚାର କରିବାର ଏକ ଉପାୟ ହେଉଛି ଏହାକୁ ସର୍ବନିମ୍ନ ମଜୁରୀ ସହିତ ତୁଳନା କରିବା । ବର୍ତ୍ତମାନ କେନ୍ଦ୍ର ସରକାର ପ୍ରତିଦିନ ୧୭୮ ଟଙ୍କା ସର୍ବନିମ୍ନ ମଜୁରୀ ପ୍ରଦାନ କରୁଛନ୍ତି, ଯାହା ତଳେ କୌଣସି ରାଜ୍ୟ ନିଜର ସର୍ବନିମ୍ନ ମଜୁରୀ ସ୍ଥିର କରିପାରିବ ନାହିଁ । ଅନ୍ୟପକ୍ଷରେ ନିମ୍ନ-ମଧ୍ୟମ ଆୟକାରୀ ଦେଶମାନଙ୍କ ପାଇଁ ବିଶ୍ୱ ବ୍ୟାଙ୍କର ଆନ୍ତର୍ଜାତିକ ଦାରିଦ୍ର୍ୟ ସୀମା ପ୍ରତିଦିନ ୪.୨୦ ଡଲାର, ପିପିପି ଦୃଷ୍ଟିରୁ ପ୍ରାୟ ୮୭ ଟଙ୍କା । ଏହି ମାପକାଠି ଦ୍ୱାରା ଭାରତର ପ୍ରାୟ ୨୩.୯% ଜନସଂଖ୍ୟା ଦାରିଦ୍ର୍ୟ ସୀମା ତଳେ ରହିଛି । ତେଣୁ ପୁରୁଣା ଦାରିଦ୍ର୍ୟ ସୀମା ସଂଶୋଧନ କରିବାର ଆବଶ୍ୟକତା ରହିଛି । ସୀମା ଯେତେ କମ ହେବ, ଦାରିଦ୍ର୍ୟ ଅନୁପାତ ସେତେ କମ ହେବ । କିନ୍ତୁ ଏପରି ସଂଖ୍ୟା ନୀତି ନିର୍ଦ୍ଧାରଣ ପାଇଁ ଉପଯୋଗୀ ନୁହେଁ ଏବଂ ଲୋକଙ୍କ କଷ୍ଟର ବାସ୍ତବତାକୁ ପ୍ରତିଫଳିତ କରେ ନାହିଁ । ୨୦୧୧-୧୨ ପରେ ଭାରତ ସରକାରୀ ଭାବେ ଦାରିଦ୍ର୍ୟ ସୀମା ରେଖାକୁ ପରିବର୍ତ୍ତନ କରିନାହିଁ । ଏଥିପାଇଁ ବିଭିନ୍ନ ସମୟରେ କମିଟି ହୋଇଛି, କିନ୍ତୁ ସେମାନଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରାଯାଇନାହିଁ । ଏକ ନୂତନ ଜାତୀୟ ମାନଦଣ୍ଡର ଅନୁପସ୍ଥିତିରେ, ଭାରତ ଏବେ ବିଶ୍ୱସ୍ତରୀୟ ମାନଦଣ୍ଡ ଉପରେ ନିର୍ଭର କରୁଛି । ଭାରତର ସଦ୍ୟ ତଥ୍ୟ ଅନୁଯାୟୀ, ୨୦୧୩ରେ ଦାରିଦ୍ର୍ୟ ହାର ୨୯%ରୁ ୨୦୨୨ରେ ୧୧.୩%କୁ ହ୍ରାସ ପାଇଛି । ଏହି ସମୟ ମଧ୍ୟରେ ୨୦୦ ନିୟୁତରୁ ଅଧିକ ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି । ତେବେ ସରକାର ବାସ୍ତବତାକୁ ଅଣଦେଖା କରି ପରିସଂଖ୍ୟାନଗତ ସଫଳତା ପାଳନ କରୁଥିବାରୁ ବିରୋଧୀ ସମାଲୋଚନା କରିଛନ୍ତି । ଏବେ ବି ଲକ୍ଷ ଲକ୍ଷ ପରିବାର ରିହାତିଯୁକ୍ତ ରାସନ ଉପରେ ନିର୍ଭର କରୁଛନ୍ତି । ତେଣୁ ପ୍ରକୃତରେ ଦାରିଦ୍ର୍ୟ ସୀମା ରେଖା ଦିନକୁ ୨୫୦ ଟଙ୍କାରୁ ୩୦୦ ଟଙ୍କା ହେବା ଉଚିତ । ଏହା ଏପରି ଏକ ଜୀବନକୁ ପ୍ରତିଫଳିତ କରିବ ଯାହା ଖାଦ୍ୟ, ସ୍ୱାସ୍ଥ୍ୟସେବା, ଶିକ୍ଷା, କିଛି ସଞ୍ଚୟ ଏବଂ ଆତ୍ମନିର୍ଭର କରାଇବ । ଆତ୍ମନିର୍ଭର ଭାରତ ମହତ୍ୱାକାଂକ୍ଷୀରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ହେବ ।

## ସିଂହଦ୍ୱାରରେ ତିନି ...

କର୍ଣ୍ଣକୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡାମାଳି, କଦମ୍ବମାଳି, ତିଳକତ୍ରିଖଣ୍ଡିକା, ସେବତୀମାଳି, ଝୋବା କଣ୍ଠି, ତାବିଜ ମାଳି ଓ ବାହାଡା ମାଳି ପରିଧାନ କରି ଭକ୍ତଙ୍କୁ ରଥ ଉପରେ ସୁନା ବେଶରେ ଦର୍ଶନ ଦେବେ । ୧୩୮ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାରରେ ଝଲସିବେ ଶ୍ରୀଜୀଉ । ଏହି ମନମୁଗ୍ଧକର ବେଶ ବର୍ଷକରେ ଥରେ ରଥ ଉପରେ ଅନୁଷ୍ଠିତ ହେଉଥିବା ବେଳେ ଏହି ବେଶରେ ଦର୍ଶନ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଶ୍ରୀଜୀଉମାନଙ୍କର ବହୁ ପ୍ରତୀକ୍ଷିତ ରଥ ଉପରେ ସୁନାବେଶ ରବିବାର ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୧ଟା ଯାଏଁ ଜାରି ରହିବ । ସୋମବାର ଅଧରପଣା ନୀତି ସଂପନ୍ନ ହେବ ଏବଂ ଆସନ୍ତା ୮ ତାରିଖରେ ନୀଳାଦ୍ରି ବିଜେ ଦିନ ମହାବାହୁ ରତ୍ନବେଦୀକୁ ବିଜେ କରିବେ । ପବିତ୍ର ବାହୁଡା ଯାତ୍ରା ଅବସରରେ ଶନିବାର ଶରଧାବାଲି ଠାରୁ ଆରମ୍ଭ କରି ସିଂହଦ୍ୱାର ଯାଏଁ ବଡଦାଣ୍ଡରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କର ଭିଡ ଲାଗିରହିଥିଲା । ପବିତ୍ର ବଡ଼ଦାଣ୍ଡରେ ଭାବ ବିନୋଦିଆ ଠାକୁର ଓ ଭକ୍ତମାନଙ୍କର ଅପୂର୍ବ ମିଳନ ହୋଇଥିଲା । ଜୟ ଜଗନ୍ନାଥ, ହରିବୋଲ, ହୁଳହୁଳି, ଘଣ୍ଟ, ମୃଦଙ୍ଗ, ନୃତ୍ୟରେ ଏକ ଭବ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମଝିରେ ମଝିରେ ଯଦିଓ ବର୍ଷା ଜାରି ରହିଥିଲା, ସେତେ ବେଶୀ ଅସୁବିଧା ହୋଇ ନଥିଲା । ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ମହାପ୍ରଭୁଙ୍କ...

ସାଢ଼େ ୭ଟା ସୁଦ୍ଧା ଶ୍ରୀମନ୍ଦିର ସମ୍ମୁଖରେ ତିନି ରଥ ପହଞ୍ଚିଯିବା ନେଇ ଶ୍ରଦ୍ଧାଳୁମାନେ ଆଶା ରଖିଥିଲେ । ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ମଧ୍ୟରେ ହର୍ଷୋଲ୍ଲାସ ଦେଖାଯାଇଥିଲା । କଡ଼ା ସୁରକ୍ଷାରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଆଗେଇ ଚାଲିଥିବା ବେଳେ ବଡ଼ଦାଣ୍ଡ ଉଛୁଳି ପଡିଥିଲା ଓ ଭକ୍ତମାନେ ଭାବବିହ୍ୱଳିତ ହୋଇପଡିଥିଲେ ।

# ଘୋଷଯାତ୍ରାରେ ଆଦାନୀ ଗ୍ରୁପର ପରିବେଶ ଅନୁକୂଳ ପ୍ରସାଦ ସେବା ବିତରଣ





**ପୁରୀ,ନ୍ୟୁଜ ବ୍ୟୁରୋ**

ଆଦାନୀ ଗ୍ରୁପ ଏବଂ ଇସ୍କନ ପକ୍ଷରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପ୍ରସାଦ ସେବା କେବଳ ସେବା ନୁହେଁ, ବରଂ ମହାପ୍ରଭୁଙ୍କୁ ସମର୍ପିତ ଏକ ଭକ୍ତିପୂତ ମହାର୍ଘ୍ୟ । ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନା ମଧ୍ୟରେ ପରିବେଶ ସନ୍ତୁଳନକୁ ବଜାୟ ରଖି ନୀରବ ବିପ୍ଳବ ଭାବେ ଏହି ସହଭାଗିତା ୪ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ପରିବେଷଣ କରିବାରେ ସକ୍ଷମ ହୋଇପାରିଛି । ଜୁନ ମାସ ୨୭ ତାରିଖରୁ ପୁରୀ ବଡ଼ଦାଣ୍ଡରେ ଆରମ୍ଭ ହୋଇଥିବା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଉତ୍କଳୀୟ ପରମ୍ପରାରେ ଦେଖିବାକୁ ମିଳିଲା ଏକ ନୀରବ ବିପ୍ଳବ । ସେବା, କରୁଣା, ପରିବେଶ ସଚେତନତା ଏବଂ ଗୋଷ୍ଠୀ ସମୁଦାୟ ଆଧାରରେ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ 'ସେବା ହିଁ ସାଧନା' ଦ୍ୱାରା ଏହି ବିପ୍ଳବ ସମ୍ଭବ ହୋଇପାରିଛି । ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ସହଭାଗିତାରେ ଏହି ପ୍ରୟାସ ୯ ଦିନ ଧରି ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କୁ ୪ ନିୟୁତରୁ ଅଧିକ ସାତ୍ତ୍ୱିକ ଭୋଜନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ରଥଯାତ୍ରା ସମୟରେ ପରିବେଷଣ କରାଯାଉଥିବା ପ୍ରସାଦ ମିଲ୍ରେ ଭାତ, ରୁଟି, ଡାଲମା, ମିଠାରେ ୯୦୦ କ୍ୟାଲୋରୀ, ୨୦ ଗ୍ରାମ ପ୍ରୋଟିନ ସମ୍ପୂର୍ଣ୍ଣ ଶରୀର ଓ ଆତ୍ମାକୁ ତୃପ୍ତ କରିବା ପାଇଁ ଯଥେଷ୍ଟ ଥିଲା । ଗରମକୁ ପ୍ରତିହତ କରିବା ପାଇଁ ଫଳରସ ଶ୍ରଦ୍ଧାଳୁମାନଙ୍କୁ ମଧ୍ୟ ବଣ୍ଟନ କରାଯାଇଥିଲା । ପୁଷ୍ଟିକର ଖାଦ୍ୟ ବ୍ୟତୀତ ଏହି ପ୍ରୟାସ ସାମୁହିକ ଯତ୍ନର ଭାବନାକୁ ପ୍ରକାଶ କରୁଛି । ଏହି ସେବାର ଅନ୍ୟ ଏକ ଦିଗ ହେଉଛି ପରିବେଶ ସଚେତନତା ଭିତ୍ତିକ ପ୍ରୟାସ । ଭାରତୀୟ ପରମ୍ପରାକୁ ବଜାୟ ରଖି ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ, ଆଦାନୀ ଗ୍ରୁପ ଏକକ-ବ୍ୟବହାର ପ୍ଲାଷ୍ଟିକ ଏବଂ ଥର୍ମୋକୁଲକୁ ଦୂର କରିଦେଇଛି । ଖାଦ୍ୟ ପରିବେଷଣ କରାଯାଉଥିବା ପ୍ଲାଷ୍ଟିକ ଓ ଥର୍ମୋକୁଲ ପ୍ଲେଟ୍‌କୁ ଜୈବ ବିଘଟନଶୀଳ ସାମଗ୍ରୀରେ ପରିବର୍ତ୍ତନ କରି ଆବର୍ଜନାମୟ ପରିବେଶକୁ ହ୍ରାସ କରିଛି । ଏହି ପଦକ୍ଷେପ ଦୀର୍ଘକାଳୀନ ପରିବେଶଗତ ବିପଦକୁ କମାଇବାରେ ସାହାଯ୍ୟ କରିଥାଏ । ଖାଦ୍ୟ ବିତରଣ ସ୍ଥଳରେ ବଡ଼ ବଡ଼ ପଲିଥିନ ବ୍ୟାଗର ବ୍ୟବହାର କରାଇବା ସ୍ୱଚ୍ଛତା ବଜାୟ ରଖିବା ଏବଂ ବର୍ଜ୍ୟ ପରିଚାଳନାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । 'ଏହା କେବଳ ଭୋଜନ ନୁହେଁ- ମହାପ୍ରଭୁଙ୍କୁ ମହାର୍ଘ୍ୟ ଅର୍ପଣ' ବୋଲି ଇସ୍କନର ଜଣେ ସ୍ୱେଚ୍ଛାସେବୀ କହିଛନ୍ତି । ଇସ୍କନ ରୋଷଶାଳାରେ ପରିଷ୍କାର, ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇ ସ୍ୱେଚ୍ଛାସେବୀଙ୍କ ପାଇଁ ଆପ୍ରନ, ଗ୍ଲୋଭ୍ସ, ଉର୍ଜା ଉପଯୋଗୀ ଉପକରଣ, ଜଳ ବଞ୍ଚାଇବା ଉପରେ ମଧ୍ୟ ଆଧୁନିକ ପ୍ରଣାଳୀ, ଖାଦ୍ୟରେ ପାରମ୍ପରିକ ମସଲା ଓ ଶୁଦ୍ଧ ଦେଶୀ ଘିଅର ବ୍ୟବହାର ଏକ ସାତ୍ତ୍ୱିକ ଭାବନାକୁ ପ୍ରତିପାଦନ କରିଛି । କେବଳ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କ ପାଇଁ ଏହି ନ ସେବା ସୀମିତ ନ ଥିବା ବେଳେ କାର୍ଯ୍ୟରତ ପୋଲିସ ବାହିନୀ, ସୁରକ୍ଷାକର୍ମୀ, ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନଙ୍କୁ ସମ୍ମାନର ସହ ଖାଦ୍ୟ ପରିବେଷଣ କରୁଛି । ସ୍ୱଚ୍ଛ ରୋଷଶାଳା, ଶୂନ୍ୟ ପ୍ଲାଷ୍ଟିକ ଲଜିଷ୍ଟିକ, ବର୍ଜ୍ୟ ପରିଚାଳନା ଆଦି ବ୍ୟବସ୍ଥା ବର୍ଗରେ ସମସ୍ତ ପ୍ରଂଶସିତ ହୋଇପାରିଛି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ଏହି ଉତ୍କଳୀୟ ମହାନ ପର୍ବର ସମାପ୍ତି ହେବ ମାତ୍ର ସେବା ଓ ସମର୍ପଣର ଗଭୀର ଛାପ ଛାଡ଼ି ଯାଇଛି, ଯାହା ଲକ୍ଷ ଲକ୍ଷ ଲୋକଙ୍କ କ୍ଷୁଧାକୁ ନୁହେଁ ବରଂ ଆତ୍ମାକୁ ଜିଣିବାରେ ସକ୍ଷମ ହୋଇପାରିଛି ।

# ନଭି ମୁମ୍ବାଇର ଖାରଘର ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା

**ନଭି ମୁମ୍ବାଇ :**



ନଭି ମୁମ୍ବାଇର ଖାରଘରଠାରେ ଅବସ୍ଥିତ ଏକମାତ୍ର ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ପବିତ୍ର ବାହୁଡ଼ା ଯାତ୍ରା ପାଳନ କରାଯାଇଥିବା ଜଣାଯାଇଛି । ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘ (ମୋୱା)ଦ୍ୱାରା ଆୟୋଜିତ ଏହି ଭବ୍ୟ ଉତ୍ସବ ଉପଲକ୍ଷେ ବଡିଭୋରରୁ ହରିହର ପୀଠ ଠାରେ ଥିବା ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରିଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାର୍ଚ୍ଚନା ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ଅପରାହ୍ନରେ ହରିବୋଲ ହୁଳହୁଳି ଜୟ ଜଗନ୍ନାଥ ଏବଂ ଶଙ୍ଖଧ୍ୱନୀ ତଥା ବାଦ୍ୟ କୀର୍ତ୍ତନର ତାଳେ ତାଳେ ଚାରିଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡି ପହଣ୍ଡି କରି ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଣ୍ଡାୟମାନ ଥିବା ସୁନ୍ଦର ଓ ସୁଶୋଭିତ ରଥ ଉପରକୁ ଆଣିଥିଲେ ।

ଅପରାହ୍ନ ଦୁଇଟା ସମୟରେ ମୌୱାର ଟ୍ରଷ୍ଟି ଓ ସଭାପତି ଡ଼ଃ ଭଗବାନ ପଣ୍ଡା ପାରମ୍ପରିକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ । ଦିନ ଚାରିଟା ସମୟରେ ରଥ ଟଣା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । ହରିହର ପୀଠ ଠାରେ ଉପସ୍ଥିତ ସହସ୍ରାଧିକ ଭକ୍ତମାନେ ରଥଟିକୁ ଟାଣି ଟାଣି ମୁଖ୍ୟ ମନ୍ଦିରର ବେଢ଼ାକୁ ସନ୍ଧ୍ୟା ସୁଦ୍ଧା ଫେରାଇ ଆଣିଥିଲେ । ଖାରଘରର ରାଜରାସ୍ତାରେ ରାଜକୀୟ ରଥ ଉପରେ ମହାପ୍ରଭୁଙ୍କର ବାହୁଡା ଯାତ୍ରା ବେଶ ହୃଦୟସ୍ପର୍ଶୀ ଥିଲା । ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ଅନନ୍ୟ ଓ ଅନୁପମ ଥିଲା । ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର , ଭଉଣୀ ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ଭକ୍ତମାନଙ୍କୁ ଦିବ୍ୟ ଓ ଭବ୍ୟ ଦର୍ଶନ ପ୍ରଦାନ କରିଥିଲେ । ରଥ ଉପରେ ଠାକୁର ମାନେ ଆସନ୍ତା ଦୁଇଦିନ ଧରି ରହିବେ ବୋଲି ପରିଚାଳନା କମିଟି ସୂତ୍ରରୁ ପ୍ରକାଶ ଓ ଆସନ୍ତା ଛଅ ତାରିଖରେ ରଥରେ ହିଁ ସୁନା ବେଶ ଏବଂ ଏକାଦଶୀ ଆଦି ବିଧି ସମ୍ପନ୍ନ କରାଯିବା ପରେ ସାତ ତାରିଖ ଦିନ ବିଳମ୍ବିତ ରାତିରେ ସାହି ରୋଷଣୀ କରାଯାଇ ଚାରିଦିଅଁଙ୍କୁ ରଥ ଉପରୁ ମୁଖ୍ୟ ମନ୍ଦିର ଭିତରକୁ ନିଆଯାଇ ରତ୍ନ ସିଂହାସନ ରେ ଆସୀନ କରାଯିବ ବୋଲି ଜଣାଯାଇଛି । ସମଗ୍ର ବାହୁଡା ଯାତ୍ରା ଉତ୍ସବକୁ ସୂଚାରୁ ରୂପେ ଆୟୋଜନ କରିବାରେ ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘର ଟ୍ରଷ୍ଟିବୃନ୍ଦ ଯଥା:- ଡଃ ଭଗବାନ ପଣ୍ଡା, ବଳରାମ ପାତ୍ର, ଡଃ ମନୋଜ କୁମାର ନାୟକ, ଡଃ କେତନ ଗୋଖଲେ,ବି.ସି. ଖଟୁଆ, କ୍ୟାପଟେନ ଏସ୍. ପି. ରାଓ, ବିଘ୍ନରାଜ ପରିଡ଼ା, ମାଗୁଣି ରାଉତ ଏବଂ ଉପ-ସଭାପତି ପି.ଏମ୍. ମହାପାତ୍ର ତଥା ଡଃ ରବି ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ଉପଦେଷ୍ଟା ମଣ୍ଡଳୀ ଏବଂ ପରିଚାଳନା କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉଲ୍ଲେଖଯୋଗ୍ୟ ଭୂମିକା ନିର୍ବାହ କରିଥିଲେ ।

# କେନ୍ଦୁଝର ଶ୍ରୀବଳଦେବଜୀଉଙ୍କ ବାହୁଡାଯାତ୍ରା : ବଳଗଣ୍ଡି ନିକଟରେ ଅଟକିଲା ରଥ



**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ବିଶ୍ୱର ସର୍ବୋଚ୍ଚ ରଥ ନନ୍ଦିଘୋଷରେ ରଥାରୂଢ଼ କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ବାହୁଡାଯାତ୍ରା ଲଗାଣବର୍ଷା ମଧ୍ୟରେ ଶନିବାର ଦିନ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥିବା ବେଳେ ବଡଦାଣ୍ଡର ମଧ୍ୟଭାଗରେ ବଳଗଣ୍ଡିରୁ ଅଳ୍ପ ଆଗରେ ରଥ ଅଟକିଯାଇଛି । ପ୍ରବଳ ବର୍ଷା ସହ ରଥ ବାମକୁ ଯିବାରୁ ରଥ ଅଟକି ଥିଲା । ସନ୍ଧ୍ୟା ଆଳତି ସମୟ ହୋଇଥିବାରୁ ରଥ ଅଟକି ଯିବା ସହ ରବିବାର ସକାଳ ୯ଟାରେ ରଥ ଟଣା ଓ ସନ୍ଧ୍ୟାରେ ସୁନାବେଶ ଅନୁଷ୍ଠିତ ହେବ । ପ୍ରବଳ ବର୍ଷା ମଧ୍ୟରେ ୪ଟାରୁ ଶ୍ରୀଜୀଉମାନଙ୍କର ଅବକାଶ,୫ଟାରେ ଲୁଗାଲାଗି,୯ ଘଟିକାରେ ଧୂପ,୧୦ଟାରେ ପୁଷ୍ପାଞ୍ଜଳୀ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହାପରେ ଚକାଭିଡା କରାଯାଇ ଅପରାହ୍ନ ୨.୧୦ ଘଟିକାରେ ଶ୍ରୀଜୀଉମାନଙ୍କ ପହଁଣ୍ଡି କାର୍ଯ୍ୟ କରାଯାଇ ୪.୦୦ ଟାରେ ପହଣ୍ଡି ଶେଷ ହୋଇଥିଲା । କେନ୍ଦୁଝର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ପୁଷ୍ପାଞ୍ଜଳି ଦେବା ପରେ ଘଣ୍ଟଘଣ୍ଟା, ଖୋଳକୀର୍ତ୍ତନ ଓ ଭକ୍ତଙ୍କର ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଧାଡି ପହଣ୍ଡି ଯୋଗେ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ବଳଦେବଜୀଉ, ମାତା ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ରଥ ଚାରିପଟେ ପ୍ରଦକ୍ଷିଣ କରିବା ପରେ ରଥାରୂଢ଼ କରାଯାଇଥିଲା । ରଥ ଉପରେ ଚକାଭିଡା କାର୍ଯ୍ୟକ୍ରମ ଶେଷ ହେବାପରେ ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ଶେଷ ହୋଇଥିଲା । ଅପରାହ୍ନ ୫.୧୫ରେ ରଥଟଣା ଆରମ୍ଭ ହୋଇ ଶ୍ରୀ ରଘୁନାଥଜୀଉ ମନ୍ଦିର ସହ ଗଳଗଣ୍ଡି ନିକଟରେ ପାରମ୍ପରିକ ଭୋଗନୀତି ପାଇଁ ଅଟକି ରହିଥିଲା । ତେବେ ଲଗାଣ ବର୍ଷା କାରଣରୁ ରଥ ସନ୍ଧ୍ୟା ସମୟରେ ଅଟକି ରହି ଆଳତି ହୋଇଥିଲା ।ବାହୁଡାଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବଡଦେଉଳକୁ ରାସ୍ତା ଗଡାଣିଆ ଓ ପ୍ରବଳ ବର୍ଷା ହୋଇଥିବାରୁ ରଥକୁ ଶୃଙ୍ଖଳିତ ଭାବରେ ଟାଣିବା ପାଇଁ ପୋଲିସ, ସ୍ୱେଚ୍ଛାସେବୀ ଓ ଜିଲ୍ଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଘୁଙ୍ଗୁରୁ କ୍ଲବଠାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ଇଲେଭେନ୍ ବୁଲେଟ୍ କ୍ଲବ ପକ୍ଷରୁ ଭକ୍ତମାନଙ୍କୁ ମାଗଣା ପ୍ରସାଦ ବିତରଣ କରାଯାଇଥିବାବେଳେ ବଡଦାଣ୍ଡରେ ୟଙ୍ଗ ଜିନିୟସ କ୍ଲବ ପକ୍ଷରୁ କ୍ଷୀରି କାକରା ପ୍ରସାଦ ବଣ୍ଟନ କରାଯାଇଥିଲା । ରଥ ବେଂଚ, ଶ୍ରୀ ଗୋପାଳଜୀଉ ମଠ ଓ ଅନ୍ୟ ସମାଜସେବା ଅନୁଷ୍ଠାନମାନଙ୍କ ଦ୍ୱାରା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ବ୍ରହ୍ମା ଗଙ୍ଗାଧର ମିଶ୍ର, ବଡପଣ୍ଡା ରାଜକିଶୋର ପଣ୍ଡା, ବରିଷ୍ଠ ପୂଜାପଣ୍ଡା ସୁବ୍ରତ କୁମାର ତ୍ରିପାଠୀ,ସୁଜିତ କୁମାର ଦାଶ, ଜଗନ୍ନାଥ ପତି, ଈଶ୍ୱର ତ୍ରିପାଠୀ, ପଦ୍ମନାଭ ନନ୍ଦ, ସିଦ୍ଧେଶ୍ୱର ମିଶ୍ରଙ୍କ ସମେତ ପୂଜାପଣ୍ଡା, ସୁଆର, ଖୁଣ୍ଟିଆ ସେବକମାନେ ସେବା ଯୋଗାଇଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ପହଣ୍ଡିଆ ସେବକମାନଙ୍କ ଦ୍ୱାରା ପହଣ୍ଡି କାର୍ଯ୍ୟ ସମାପନ ହୋଇଥିଲା । ରଥଟଣାକୁ ସୂଚାରୁରୂପେ ସମ୍ପାଦନ ପାଇଁ,ଏସପି ନିତିନ କୁଶଲକର,ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ,ରବୀନ୍ଦ୍ର କୁମାର ପ୍ରଧାନ,ଅତିରିକ୍ତ ଏସପି ଜ୍ୟୋତର୍ମୟ ଭୁକ୍ତା, ଉପଜିଲ୍ଲାପାଳ ତଥା ଦେବୋତ୍ତରର ନିର୍ବାହୀ ଅଧିକାରୀ ଉମାଶଙ୍କର ଦଳାଇ,ସଦର ଏସଡିପିଓ ସୁଦର୍ଶନ ଗଙ୍ଗୋଇ,ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ସଦର ତହସିଲଦାର ଶୁଭେନ୍ଦୁ ସାହୁଙ୍କ ସମେତ ବରିଷ୍ଠ ପୋଲିସ ଓ ମାଜିଷ୍ଟ୍ରେଟ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆଧ୍ୟାତ୍ମିକ ଅନୁଷ୍ଠାନ ଜ୍ଞାନମଣ୍ଡଳର ମୁଖପତ୍ର ତାଳଧ୍ୱଜକୁ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଉନ୍ମୋଚନ କରିଥିଲେ । ଦେବାଶିଷ ମିଶ୍ର ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ରଥଟଣା ପରିଚାଳନା କରିଥିଲେ । ରବିବାର ରଥ ପହଞ୍ଚିବା ପରେ ସୁନାବେଶକୁ ଶୃଙ୍ଖଳିତ କରିବା ପାଇଁ ରଥକୁ ବ୍ୟାରିକେଡ ଓ ୱାଚ ଟାୱାର ନିର୍ମାଣ କରାଯିବ ଏବଂ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତେ ଶ୍ରୀ ଜୀଉଙ୍କର ପବିତ୍ର ସୁନାବେଶ ଓ ବଡଏକାଦଶୀ ଅନୁଷ୍ଠିତ ହେବ ।

# ବାହୁଡା ଯାତ୍ରାରେ ମଝିପଡ଼ାରେ ଅଟକି ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀଦଧିବାମନ ମହାପ୍ରଭୁ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ପବିତ୍ର ବାହୁଡ଼ା ଦଶମୀରେ ଶନିବାର ରତ୍ନ ମଣ୍ଡପ ସୋନପୁର ଘୋଡ଼ା ଘାଟ ପଡ଼ା ଅଭିମୁଖେ ବାହୁଡ଼ିଲେ ଶ୍ରୀ ଦଧିବାମନ ମହାପ୍ରଭୁ । ମାଉସୀ ମନ୍ଦିର ରୁ ଭଜନ ନାମ କିର୍ତ୍ତନ୍ୟ ସହ ମହା ସମାରୋହରେ ପହଣ୍ଡି ରେ ଆସି ରଥା ରୁଢ଼ ହେଲେ ମହା ପ୍ରଭୂ । ପହଣ୍ଡି ବେଳେ ପ୍ରତି ଘର ସମ୍ମୁଖ ରେ ମହାପ୍ରଭୂ ତିନି ଠାକୁରଙ୍କୁ ପୂଜା ଅର୍ଚ୍ଚନା କରି ଭୋଗ ଅର୍ପଣ କରିଥିଲେ ମହିଳା ମାନେ । ଯେଉଁଥିରେ କି ହଜାର ସଂଖ୍ୟାରେ ମହିଳା ଭକ୍ତ ଙ୍କ ଭିଡ ଦେଖିବାକୁ ମିଳିଥିଲା । ପୋଲିସ ପ୍ରଶାସନର ଉପସ୍ଥିତିରେ ଶୃଙ୍ଖଳା ସହ ରଥ ଟଣା ଯାଇଥିଲା ଏବଂ ରୀତି ନୀତି ବିଳମ୍ବ ଯୋଗୁଁ ସନ୍ଧ୍ୟାରେ ଶ୍ରୀ ଦଧି ବାମନ ମହାପ୍ରଭୂଙ୍କ ରଥ ଶନିବାର ମଝିପଡ଼ା ଠାରେ ଅଟକି ତିନି ଠାକୁର ପୂଜା ପାଇବା ସହ ଭକ୍ତ ଙ୍କୁ ଦର୍ଶନ ଦେଉଛନ୍ତି । ଉପ ଜିଲ୍ଲାପାଳଙ୍କ ଷ୍ଟେନୋ ସଞ୍ଜୀବ ମଲ୍ଲିକ, ଦେବୋତ୍ତର କମିଟି ର ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ଲଡୁ କିଶୋର ମଲ୍ଲିକ, ମାଉସୀ ମନ୍ଦିର କମିଟିର ମନ ବୋଧ ଭୋଇ, ପୀୟୂଷ ପଣ୍ଡା, ସୁବାସ ପାଢ଼ୀ, ବିକାଶ ପଣ୍ଡା, ପ୍ରମୁଖ ସଦସ୍ୟ ଙ୍କ ତତ୍ତ୍ୱାବଧାନ ରେ ପହଣ୍ଡି ଓ ରଥ ଟଣା କାର୍ଯ୍ୟ କ୍ରମ ହୋଇଛି । ମହା ପ୍ରଭୁଙ୍କ ପହଣ୍ଡି ବିଜେ ବେଳେ ପ୍ରଦୀପ ସାହୁ ଛେରା ପହରା ନୀତି ଦାୟିତ୍ୱ ସମ୍ପନ୍ନ କରିଥିଲେ ।

ଭୁବନେଶ୍ୱର
୦୬ ଜୁଲାଇ,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27







ପୁରୀ : ବାହୁଡା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରୁ ରଥ ଉପରକୁ ପ୍ରଭୁ ସୁଦର୍ଶନ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରୁଛନ୍ତି। ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥରେ ଛେରା ପହଁରା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଶହୀଦନଗର ସାଂସ୍କୃତିକ ସମିତି ଆନୁକୂଲ୍ୟରେ ମା'ଖଣ୍ଡୁଆଳୀ ମନ୍ଦିରରୁ ଶ୍ରୀ ବିଷ୍ଣୁ ମନ୍ଦିର ଅଭିମୁଖେ ଚାଲିଥିବା ଶ୍ରୀଜୀଉମାନଙ୍କ ବାହୁଡା ରଥଯାତ୍ରା। (ଫଟୋ : ସମ୍ବାଦ କଳିକା)



ପୁରୀ : ଶ୍ରୀନହର ସମ୍ମୁଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପହଁଞ୍ଚିବା ପରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ। (ଫଟୋ : ସମ୍ବାଦ କଳିକା)

# ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ

**ଭୁବନେଶ୍ୱର, ୫।୭**
**ନ୍ୟୁଜ ବ୍ୟୁରୋ**

ଦୀର୍ଘ ନବଦିନ ଯାତ୍ରା ସାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ଶନିବାର ବାହୁଡ଼ାରେ ଶ୍ରୀବାଣୀକ୍ଷେତ୍ରକୁ ଫେରିଛନ୍ତି। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି। ପୂର୍ବାହ୍ନରେ ମଙ୍ଗଳ ଆରତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସଂପନ୍ନ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସଂପାଦିତ ହୋଇଥିଲା। ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ। ଶ୍ରୀବାଣୀକ୍ଷେତ୍ର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି, ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ତିନି ରଥଙ୍କୁ



ଗୁଣ୍ଡିଚା ମନ୍ଦିରରୁ ଶ୍ରୀବାଣୀକ୍ଷେତ୍ର ପର୍ଯ୍ୟନ୍ତ ଟଣାଯାଇଥିଲା। ବାହୁଡ଼ା ଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ। ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନୀ ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା। ରବିବାର ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ। ଭକ୍ତମାନେ ଯେପରି ସୁଚାରୁ ରୂପେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ନିଳାଦ୍ରୀ ବିଜେ ପୂର୍ବରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବ : ଗଜପତି ମହାରାଜା

**ପୁରୀ, ୫/୭ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ୯୦ ପ୍ରତିଶତ ଶେଷ ହୋଇଛି । ଆସନ୍ତା ନୀଳାଦ୍ରି ବିଜେ ପୂର୍ବରୁ ରତ୍ନ ଭଣ୍ଡାରର ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ ଶେଷ କରାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନ ଭଣ୍ଡାର ହସ୍ତାନ୍ତର କରାଯିବା ନେଇ ଲକ୍ଷ୍ୟଥିବା ନେଇ ଏଏସଆଇ ସୂଚନା ଦେଇଛି । ଉଭୟ ଭିତର ଓ ବାହାର ରତ୍ନ ଭଣ୍ଡାରର କାନ୍ଥ, ଚଟାଣ ମରାମତି ପାଇଁ ଛଅ ଶହ ପଥର ବଦଳାଯାଇଛି। ରତ୍ନ ଭଣ୍ଡାର ସ୍ଥିତି ବହୁତ୍ ଖରାପ ଥିଲା। ଏହାର ମରାମତି ହୋଇ ନଥିଲେ ଆଗାମୀ ଦିନରେ ରତ୍ନ ଭଣ୍ଡାର ସ୍ଥିତି ଆହୁରି ଖରାପ ହୋଇଥାନ୍ତା । ତେବେ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ସରିବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ରତ୍ନ ଭଣ୍ଡାର ତଦାରଖ ଉଚ୍ଚ ସ୍ତରୀୟ କମିଟି ସରକାରଙ୍କ ସୁପାରିସ ପାଇବା ପରେ ରତ୍ନ ଅଳଙ୍କାରର ଗଣତି କାର୍ଯ୍ୟ କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ବରୁ କହିଥିଲେ। ଏଣୁ ରତ୍ନ ଅଳଙ୍କାର ଗଣତି କେବେ ହେବ ସେନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ବିଜେପିର ନିର୍ବାଚନ ଇସ୍ତାହାର ଅନୁଯାୟୀ ରତ୍ନ ଭଣ୍ଡାର ଗତ ୨୦୨୪ ଜୁଲାଇ ୧୪ରେ ଖୋଲିଥିଲା। ତେବେ ଗତ ୨୦୨୪ ଡ଼ିସେମ୍ବରରୁ ଏଏସଆଇ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ କରିଥିଲା । ଯାହାକି ଶେଷ ପର୍ଯ୍ୟାୟରେ। ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ତଦାରଖ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଫେରିବା ପରେ ରତ୍ନ ଭଣ୍ଡାର କାର୍ଯ୍ୟ ନେଇ ସନ୍ତୁଷ୍ଟ ଥିବା ଗଜପତି ମହାରାଜା ପ୍ରତିକ୍ରିୟା ରଖିଛନ୍ତି। ଗଜପତି ମହାରାଜା କହିଛନ୍ତି, '୮୦୦ ବର୍ଷରୁ ଅଧିକ ପୁରାତନ ଶ୍ରୀମନ୍ଦିର । ପୂର୍ବରୁ ରତ୍ନ ଭଣ୍ଡାର କେବେ ମରାମତି ହୋଇନାହିଁ। ସ୍ଥିତି ଦୁର୍ବଳ ଥିବାରୁ ମରାମତି ନିତ୍ୟାନ୍ତ ଆବଶ୍ୟକ । ମରାମତି ହୋଇନଥିଲେ ସମସ୍ୟା ହୋଇଥାନ୍ତା । ଏଏସଆଇର ଟିମ୍ ୧୧ ମାସ ଧରି ବାହାର ଓ ଭିତର ଭଣ୍ଡାର ମରାମତି କାର୍ଯ୍ୟ ଜାରି ରଖିଛି। ନୀଳାଦ୍ରି ବିଜେ ପୂର୍ବରୁ ସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ। ଏବେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ରତ୍ନଭଣ୍ଡାର। ମନ୍ଦିର ନିର୍ମାଣ ଶୈଳୀରେ ପଥର ଗୁଡ଼ିକ ପ୍ରତିସ୍ଥାପନ ବା ରିପ୍ଲେସ କରାଯାଇଛି । ଆସନ୍ତା ୨, ୩ ଦିନ ମଧ୍ୟରେ ଅର୍ଥାତ୍ ନୀଳାଦ୍ରି ବିଜେ ପୂର୍ବରୁ ସରିବ ଭଣ୍ଡାର ମରାମତି କାର୍ଯ୍ୟ। ଆସନ୍ତା ଶହ ଶହ ବର୍ଷ ଧରି ରତ୍ନ ଭଣ୍ଡାର ସୁରକ୍ଷିତ ରହିବ। ଅନ୍ୟପଟରେ ମରାମତି କାର୍ଯ୍ୟ ସରିବା ପରେ ବାହାର ଷ୍ଟ୍ରଙ୍ଗ ରୁମ୍‌ରେ ଥିବା ରତ୍ନ ଅଳଙ୍କାର ଭିତର ଭଣ୍ଡାରକୁ ଯିବ । ପରେ ରାଜ୍ୟ ସରକାରଙ୍କ ପରାମର୍ଶ ଅନୁସାରେ ଗଣତି ମଣତି କାର୍ଯ୍ୟ ହେବ। ୧୧ ମାସ ହେଲା କାର୍ଯ୍ୟ ଚାଲିଥିଲା। ନିଳାଦ୍ରୀ ବିଜେ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ। ସମ୍ପୂର୍ଣ୍ଣ ସଂରକ୍ଷଣ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରହିବ।' ସେହିପରି ଏଏସଆଇ ଓଡ଼ିଶା ସର୍କଲର ଅଧୀକ୍ଷକ ଡି ବି ଗଡନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି,'ନୀଳାଦ୍ରି ବିଜେ ଆଗରୁ ସରିବ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ। ନବେ ଭାଗ ମୁଖ୍ୟ ମରାମତି କାର୍ଯ୍ୟ ଗୁଡ଼ିକ ଶେଷ ହୋଇଛି । ୧୪ ବିମ୍‌ରୁ ୧୨ଟି ପରିବର୍ତ୍ତନ ହୋଇ ନୂତନ ବୀମ୍ ଲାଗିସାରିଛି । ଆଉ ଦୁଇଟି ବିମ୍ ସ୍ଥାପନ କାର୍ଯ୍ୟ ସରିବା ଉପରେ । ୬ ତାରିଖ ସୁଦ୍ଧା କାର୍ଯ୍ୟ ସାରିବାକୁ ରହିଛି ଲକ୍ଷ୍ୟ। କେବଳ ଫିନିଶିଂ କାର୍ଯ୍ୟ ବାକି ରହିଛି। କ୍ଲିନିଂ ପଏଣ୍ଟିଂ କାର୍ଯ୍ୟ ନୀଳାଦ୍ରି ବିଜେ ପୂର୍ବରୁ ଶେଷ ହେବ। ସାଇନ୍ସ ବ୍ରାଞ୍ଚ ଦ୍ୱାରା ହେବ କେମିକାଲ କ୍ଲିନିଂ କାର୍ଯ୍ୟ। ପରେ ସ୍ଥାୟୀତ୍ୱ ଦୃଷ୍ଟି କୋଣରୁ ଏକ ପ୍ରିଜରଭେଟିଭ ଦିଆଯିବ। ପ୍ରାୟ ୬ଶହଟି ପଥର ରିପ୍ଲେସ ବା ପ୍ରତିସ୍ଥାପନ କାର୍ଯ୍ୟ ହୋଇଛି । କାନ୍ଥ ରେ ଥିବା ଫାଟ ଗୁଡିକୁ ମରାମତି ସହ ବେଲ୍ଟ, ବିମ୍, ପକେଟ୍ ଚଟାଣର ବି ମେଜର କାର୍ଯ୍ୟ ଗୁଡ଼ିକ ହୋଇଛି। ୮୦ରୁ ଅଧିକ ଲୋକ ମରାମତି କାର୍ଯ୍ୟ ଜାରି ରଖିଛନ୍ତି।

# ଏସ୍‌ସିବିରେ ଡାକ୍ତରୀ ପାଠପଢ଼ାରେ ବ୍ୟାଘାତ : ରାଷ୍ଟ୍ରପତିଙ୍କ ତଦନ୍ତ ନିର୍ଦ୍ଦେଶ

**କଟକ, ୦୫/୦୭ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଡାକ୍ତରୀ ଶିକ୍ଷାର ଅନ୍ତୁଡ଼ିଶାଳ ହେଉଛି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ। ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ସହ ଖ୍ୟାତନାମା ଚିକିତ୍ସକ ସୃଷ୍ଟି କରିବାରେ ଏସ୍‌ସିବିର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ଏଠାରେ ଆଗଭଳି ଆଉ ପାଠପଢ଼ା ହେଉନାହିଁ। ବରିଷ୍ଠ ଡାକ୍ତରମାନଙ୍କ ଅବହେଳା ଯୋଗୁଁ ପାଠପଢୁଆ ଡାକ୍ତରୀ ଛାତ୍ରଛାତ୍ରୀ ଉପଯୁକ୍ତ ଶିକ୍ଷା ହାସଲ କରିପାରୁନାହାନ୍ତି। ଏନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହେବା ପରେ ଏସ୍‌ସିବିରେ ହଟଚମଟ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ନିମନ୍ତେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷାଙ୍କୁ ଚିଠି (ନଂ-୧୮୫୫୩) ଜାରି କରିଛି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶ ଦେଇଛି। ଡାକ୍ତରୀ ଶିକ୍ଷାଦାନ କ୍ଷେତ୍ରରେ ଏସ୍‌ସିବି ମେଡିକାଲ କଲେଜ ଏକ ଶତାୟୁ ଶିକ୍ଷାନୁଷ୍ଠାନ। ଅଷ୍ଟାଦଶ ଶତାବ୍ଦୀରେ କଟକରେ ଓଡ଼ିଶା ମେଡିକାଲ ସ୍କୁଲ ପ୍ରତିଷ୍ଠା ସହିତ ଡାକ୍ତରୀ ପାଠପଢ଼ାର ମୂଳଦୁଆ ପଡ଼ିଥିଲା। ସମୟକ୍ରମେ ଏହାର ନାମରେ ପରିବର୍ତ୍ତନ ଘଟିଛି। ଏସ୍‌ସିବି ଏକ ମହାଦ୍ରୁମରେ ପରିଣତ ହୋଇଛି। ମାତ୍ର ପ୍ରଶାସନିକ ଅବହେଳା ଯୋଗୁଁ ଏବେ ଡାକ୍ତରୀ ପଢ଼ାରେ ବ୍ୟାଘାତ ଘଟୁଥିବା ଅଭିଯୋଗ ଉଠିଛି।

# ବାଣପୁର ସ୍ୱପ୍ନେଶ୍ୱର ମନ୍ଦିର ସଂରକ୍ଷିତ ସ୍ମାରକୀ ଘୋଷଣା କଲା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା

**ଭୁବନେଶ୍ୱର,୦୫/୦୭**
**ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍‌ର ନୀଳାଦ୍ରିପ୍ରସାଦ ପଞ୍ଚାୟତର ପୁଞ୍ଜିଆମା ଗାଁରେ ଥିବା ଷଷ୍ଠ ଶତାବ୍ଦୀର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ସଂରକ୍ଷିତ ସ୍ମାରକୀ ଭାବେ ଘୋଷଣା କରାଯାଇଛି। ଓଡ଼ିଶାର ଐତିହ୍ୟକୁ ଏହି ବିଶେଷ ଅବଦାନ ପାଇଁ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ପୂର୍ବତନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ଓ ବରିଷ୍ଠ ରାଜନେତା ସମୀର ମହାନ୍ତିଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି ।

ସୂଚନାଯୋଗ୍ୟ, ଶୈଳୋଦ୍ଭବଙ୍କ ସାମ୍ରାଜ୍ୟ ଅର୍ଥାତ ଷଷ୍ଠ ଶତାବ୍ଦୀ ସମୟରେ ବର୍ତ୍ତମାନର ବାଣପୁର ବ୍ଲକ୍‌ର ନୀଳାଦ୍ରିପ୍ରସାଦ ପଞ୍ଚାୟତର ପୁଞ୍ଜିଆମାରେ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପୁରାତନ କୀର୍ତ୍ତିରାଜିରେ ଭରପୂର ତଥା ଐତିହ୍ୟ ସମ୍ପନ୍ନ ଏହି ମନ୍ଦିରର ସୁରକ୍ଷା ପାଇଁ ୧୯୭୭-୭୮ ମସିହାରେ ସେତେବେଳର ସଂସ୍କୃତି ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆଗେଇ ଆସିବା ସହ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦାୟିତ୍ୱ ଦେଇଥିଲେ । ପରବର୍ତ୍ତୀ ସମୟରେ ଏହା ଅବହେଳିତ ଅବସ୍ଥାକୁ ଆସିଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସିବା ପରେ ଏହାର ଗୁରୁତ୍ୱ ଉପଲବ୍ଧି କରି ଏଏସ୍‌ଆଇକୁ ଏହାର ଦାୟିତ୍ୱ ବହନ କରିବାର ପ୍ରକ୍ରିୟା ଆରମ୍ଭ କରାଇଥିଲେ । ୨୦୨୪ରେ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଏହି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇଥିଲା। ଫଳରେ ଏଏସ୍‌ଆଇ ଏହି ଐତିହ୍ୟସ୍ଥଳୀକୁ ନିକଟରେ ସଂରକ୍ଷିତ ସ୍ମାରକୀ ଭାବେ ଘୋଷଣା କରିଛି । 'ଓଡ଼ିଆ ଅସ୍ମିତା'ର ପରିଚୟ ସ୍ୱରୂପ ଏହି କୀର୍ତ୍ତିରାଜିର ସୁରକ୍ଷା ଲାଗି ଏଏସ୍‌ଆଇର ଘୋଷଣା ରାଜ୍ୟ ଲାଗି ଖୁସିର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

# ଋଣ ଗ୍ରହୀତାଙ୍କ ଲାଗି ଆଶ୍ୱସ୍ତି: ଅବଧି ଆଗରୁ ଲୋନ୍ ସୁଝିଲେ ଲାଗିବନି ଚାର୍ଜ

**ନୂଆଦିଲ୍ଲୀ,୦୫/୦୭**

ଋଣ ଗ୍ରହୀତାଙ୍କ ଲାଗି ଆଶ୍ୱସ୍ତି ପ୍ରଦାନ କରିଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) । ଏଣିକି ନିର୍ଦ୍ଦିଷ୍ଟ ଅବଧି ଆଗରୁ ଯଦି କୌଣସି ବ୍ୟକ୍ତି ବିଶେଷ ଋଣ ସୁଝନ୍ତି ତେବେ ତାଙ୍କ ଉପରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନ ଚାର୍ଜ ଲଗାଇବେ ନାହିଁ । ଫ୍ଲୋଟିଂ ସୁଧହାର ଭିତ୍ତିକ ଋଣ ଉପରେ ଲାଗୁଥିବା ଆଗୁଆ ଋଣ ସୁଝିବା (ପ୍ରିପେମେଣ୍ଟ)ଚାର୍ଜକୁ ବାଦ ଦେବାକୁ କେନ୍ଦ୍ରିୟ ବ୍ୟାଙ୍କ ନିଷ୍ପତ୍ତି ନେଇଛି । ନୂଆ ନିୟମ ୨୦୨୬ ଜାନୁଆରି ପହିଲାରୁ କାର୍ଯ୍ୟକାରୀ ହେବ । ୨୦୨୬ ଜାନୁଆରି ୧ କିମ୍ବା ଏହା ପରେ ମଞ୍ଜୁର ବା ନବୀକରଣ ହୋଇଥିବା ଋଣ ଲାଗି ଏହି ନିୟମ ଲାଗୁ ହେବ । ବ୍ୟକ୍ତି ବିଶେଷ ସମୟ ଆଗରୁ ନିଜ ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ସୁଝିବା ଉପରେ ବ୍ୟାଙ୍କ ଚାର୍ଜ ଲଗାଉଛନ୍ତି । ନୂଆ ନିୟମ ସମସ୍ତ ବ୍ୟାଙ୍କ ଏବଂ ଅଣବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି) ସମେତ ଆରବିଆଇ ନିୟନ୍ତ୍ରଣାଧୀନ ସଂସ୍ଥା ଲାଗି କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ବାସଗୃହ, ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା କୋଟି କୋଟି ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ । ଅଣବାଣିଜ୍ୟିକ କାର୍ଯ୍ୟ ଲାଗି ଫ୍ଲୋଟିଂ ରେଟ୍‌ରେ ଜଣେ ବ୍ୟକ୍ତି କିମ୍ବା ଏକାଧିକ ବ୍ୟକ୍ତି ବିଶେଷଙ୍କ ନାମରେ ଋଣ ନେଇଥିଲେ ବି ନୂଆ ନିୟମର ଲାଭ ମିଳିବ । ଏଭଳି ଋଣ କ୍ଷେତ୍ରରେ କୌଣସି ବ୍ୟାଙ୍କିଂ କିମ୍ବା ଏନ୍‌ବିଏଫ୍‌ସି ପ୍ରି ପେମେଣ୍ଟ ଫିସ୍ ଲାଗୁ କରିପାରିବେ ନାହିଁ ।




# ଭୁବନେଶ୍ୱରର କୌଣସି ଉତ୍ପାଦ ପାଇନି ଜିଆଇ ଟ୍ୟାଗ୍

**ଭୁବନେଶ୍ୱର, ୦୫/୭**
**ନ୍ୟୁଜ ବ୍ୟୁରୋ**

ଦେଶରେ ସମୁଦାୟ ୬୦୦ରୁ ଅଧିକ ଉତ୍ପାଦକୁ ଜିଆଇ ମାନ୍ୟତା ମିଳିଛି। ଏଥିରେ ଉତ୍ତର ପ୍ରଦେଶର ସର୍ବାଧିକ ୭୬, ତାମିଲନାଡୁ ୬୧, କର୍ଣ୍ଣାଟକର ୫୦, ମହାରାଷ୍ଟ୍ର ୪୭, କେରଳର ୩୯ଟି ଓ ଆସାମର ୩୧ ଉତ୍ପାଦ ଜିଆଇ ମାନ୍ୟତା ପାଇଛି। ଏହା ତୁଳନାରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ୨୬ଟି ଉତ୍ପାଦ ଜିଆଇ ମାନ୍ୟତାରେ ସୀମିତ ରହିଛି। ଏଥିରେ ପିପିଲି ଚାନ୍ଦୁଆ, ଗୋପାଳପୁର ଟସର କପଡ଼ା, ବୋମକାଇ ଶାଢ଼ୀ, ବ୍ରହ୍ମପୁର ଫୋଡା କୁମ୍ଭ ଶାଢ଼ୀ ଓ ଯୋଡ଼ା, ସମ୍ବଲପୁରୀ ବାନ୍ଧ ଶାଢ଼ୀ, କଟକ ରୁପା ତାରକସି ଓ ଓଡ଼ିଶା ପଟ୍ଟଚିତ୍ରର ଚାହିଦା ବିଶ୍ୱ ଦରବାରରେ ପହଞ୍ଚି ପାରିଛି। ନିକଟ ଅତୀତରେ ରାଜ୍ୟର ଆଉ ୭ଟି ଉତ୍ପାଦକୁ ଜିଆଇ ମାନ୍ୟତା ମିଳିଛି। କିନ୍ତୁ ଏହି ମାନ୍ୟତାରୁ ବଞ୍ଚିତ ଅଛି ଖୋଦ୍ ରାଜଧାନୀ ଭୁବନେଶ୍ୱର। ହଜାର ବର୍ଷର ମନ୍ଦିରମାଳିନୀ ଐତିହ୍ୟ ସହରର କୌଣସି ଉତ୍ପାଦକୁ ଜିଆଇ ମାନ୍ୟତା ପାଇଁ ସରକାରୀ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ବାରମ୍ବାର କୋରାଖଇକୁ ଜିଆଇ ମାନ୍ୟତା ଦେବାକୁ ଦାବି ଉଠୁଛି, ହେଲେ ଏନେଇ



ବିଧିବଦ୍ଧ ଦସ୍ତାବିଜ ପ୍ରସ୍ତୁତ ହୋଇପାରିନି। ଏନେଇ ଜିଆଇ ଟ୍ୟାଗ୍ ଉପରେ ଗବେଷଣାରତ ଡ. ଅନୀତା ସାବତ କୁହନ୍ତି, ଏକ ଉତ୍ପାଦ ଜିଆଇ ମାନ୍ୟତା ପାଇବା ପାଇଁ ଏହାର ଅତି କମ୍‌ରେ ୭୦ ବର୍ଷର ଇତିହାସ ରହିଥିବା ଆବଶ୍ୟକ। ଏହା ସ୍ୱତନ୍ତ୍ର ଓ ଭିନ୍ନ ହୋଇଥିବା ସହ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଏଥିପାଇଁ ସୁପରିଚିତ ଓ ପ୍ରତିଷ୍ଠିତ ହୋଇଥିବା ଆବଶ୍ୟକ। କିଛି ସମୁଦାୟ ଏହାକୁ ନେଇ ଜୀବିକା ନିର୍ବାହ କରୁଥିବା ବି ଆବଶ୍ୟକ। ଏହି ସବୁ ଆବଶ୍ୟକତାକୁ 'କୋରାଖଇ' ଅତି ସହଜରେ ପୂରଣ କରୁଛି। କୁହାଯାଏ, ଶ୍ରୀଲିଙ୍ଗରାଜ ମନ୍ଦିର ଯେବେଠାରୁ, କୋରାଖଇର ଉତ୍ପତ୍ତି ସେବେଠାରୁ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବଲ୍ଲଭ ସେବାରେ 'କୋରାଖଇ' ଲାଗି ହୋଇଥାଏ। ପୁରୁଣା ଭୁବନେଶ୍ୱର ଅଞ୍ଚଳ ବି କୋରାଖଇ ପ୍ରସ୍ତୁତି ପାଇଁ ବେଶ୍ ପ୍ରସିଦ୍ଧ। କୋରାଖଇର ପ୍ରସ୍ତୁତି ପ୍ରଣାଳୀ ଭିନ୍ନ ଓ ସ୍ୱତନ୍ତ୍ର। ଏଣୁ କୋରାଖଇକୁ ଜିଆଇ ମାନ୍ୟତା ପ୍ରଦାନ କରାଇବାକୁ ଯଥା ସମ୍ଭବ ଉଦ୍ୟମ ହେବା ଉଚିତ। ତେବେ ଜିଆଇ ମାନ୍ୟତା ପାଇଁ କୋରାଖଇର ଉତ୍ପତ୍ତି, ପ୍ରସ୍ତୁତି ପ୍ରଣାଳୀ, କେତେ ଲୋକେ ଏହାକୁ ରୋଜଗାରର ମାଧ୍ୟମ କରିଛନ୍ତି, ଏସବୁର ଠିକ୍ ଓ ନିର୍ବିବାଦୀୟ ଦସ୍ତାବିଜ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଗଭୀର ଗବେଷଣା ଓ ତଥ୍ୟଗତ ଅନୁଶୀଳନ ଆବଶ୍ୟକ। ଏହାପରେ ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ନିଜେ ସିଧାସଳଖ ବା ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗକୁ କହି ଜିଆଇ ମାନ୍ୟତା ପାଇଁ ଆବେଦନ କରିପାରିବେ ବୋଲି ଡ. ସାବତ କହିଛନ୍ତି।

ଶ୍ରୀଲିଙ୍ଗରାଜ ମନ୍ଦିରର ସେବାୟତ ରବୀନ୍ଦ୍ର ବିଶୋଇ କହିଛନ୍ତି, ଲିଙ୍ଗରାଜ ମହାପ୍ରଭୁଙ୍କ ବଲ୍ଲଭ ସେବା, ଚନ୍ଦନଯାତ୍ରା, ରୁକୁଣା ରଥଯାତ୍ରା, ଅଶୋକାଷ୍ଟମୀ, ଜନ୍ମାଷ୍ଟମୀ ଓ ଶୀତଳଷଷ୍ଠୀ ଆଦି ସମୟରେ ଶୁଖିଲି ଭୋଗରେ କୋରାଖଇ ଲାଗି ହୋଇଥାଏ। ପ୍ରତିଦିନ ମନ୍ଦିରକୁ ବିଶୋଇ ସେବାୟତମାନେ କୋରାଖଇ ଯୋଗାଇ ଆସୁଛନ୍ତି। ଏହା କେଉଁ ଆବାହମାନ କାଳରୁ ଚାଲି ଆସୁଛି। ଶ୍ରୀଲିଙ୍ଗରାଜ ମନ୍ଦିର, କପିଳେଶ୍ୱର ମନ୍ଦିର ସହ ପୁରୁଣା ଭୁବନେଶ୍ୱରର ସମସ୍ତ ମନ୍ଦିରରେ କୋରାଖଇ ଭୋଗ ଲାଗିଥାଏ। ପୁରୁଣା ଭୁବନେଶ୍ୱରର ବଡ଼ଦାଣ୍ଡସାହିରେ ୧୦ଟି ପରିବାର, କପିଳେଶ୍ୱରରେ ୮ରୁ ୧୦ ପରିବାର କୋରାଖଇକୁ ବୃତ୍ତି କରି ଜୀବିକା ନିର୍ବାହ କରୁଛନ୍ତି। ସେହିଭଳି ନୂଆଗାଁ, ସୁନ୍ଦରପଦାର କିଛି ଗୁଡ଼ିଆ ପରିବାର ଏହାକୁ ଜୀବିକା ଭାବେ ଗ୍ରହଣ କରିଛନ୍ତି। ମୋଟ୍ ଉପରେ ପାଖାପାଖି ୮୦ ପରିବାର କୋରାଖଇ ଉପରେ ନିର୍ଭରଶୀଳ। ଶ୍ରୀ ବିଶୋଇ କହିଛନ୍ତି, ଜିଆଇ ମାନ୍ୟତା ଦିଗରେ ଆମେ ଆଗରୁ ଅଧିକ ସଚେତନ ନଥିବା ବେଳେ ଗତ ବର୍ଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀଲିଙ୍ଗରାଜ ମନ୍ଦିର ଆସିଥିଲେ। ଆମେ ତାଙ୍କୁ କୋରାଖଇ ଖାଇବାକୁ ଦେଇଥିଲୁ। ସେଠାରୁ ହିଁ ଏହାକୁ ଜିଆଇ ମାନ୍ୟତା ଦେବାକୁ ଆମର ଆଗ୍ରହ ଜମିଥିଲା। ଆଗକୁ ଏ ନେଇ ଏକ ସଂଘ ଗଠନ କରି ଆବଶ୍ୟକୀୟ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି। ଶ୍ରୀଲିଙ୍ଗରାଜଙ୍କ ସହ ଜଡ଼ିତ ତାଙ୍କ ପ୍ରିୟ ଶୁଖିଲା ଭୋଗ କୋରାଖଇ ଜିଆଇ ମାନ୍ୟତା ପାଇବାକୁ ଯୋଗ୍ୟ ହୋଇଥିଲେ ବି ସଚେତନତା ଓ ଆଗ୍ରହ ଅଭାବରୁ ଏହା ଜିଆଇ ମାନ୍ୟତା ନ ପାଇବା କ୍ଷୋଭର ବିଷୟ ହୋଇଛି।